# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.43, Bhubaneswar Saturday, March 21, 2020 | ୨୩ତମ ବର୍ଷ ସଂଖ୍ୟା-୪୩ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଆସନ୍ତା ୨୩ ରେ ଲୋକସଭାରେ ହେବନି ପ୍ରଶ୍ନକାଳ

*ଅପରାହ୍ନ ୨ଟାରେ ଆରମ୍ଭ ହେବ ଗୃହ*

ନୂଆଦିଲ୍ଲୀ, ୨୦।୩(ପି.ଏନ): ଲୋକସଭା ଅଧ୍ୟକ୍ଷ ତଥା ବାଚସ୍ପତି ଓମ୍ ବିରଲା କହିଛନ୍ତି ଯେ, ଆଗାମୀ ସୋମବାର ମାର୍ଚ୍ଚ ୨୩ ତାରିଖ ଦିନ ଗୃହରେ ପ୍ରଶ୍ନକାଳ ହେବ ନାହିଁ ଏବଂ ବୈଠକ ଅପରାହ୍ନ ୨ଟା ପରେ ଆରମ୍ଭ ହେବ ।ଶ୍ରୀ ବିରଲା ଶୁକ୍ରବାର ଗୃହରେ କହିଥିଲେ ଯେ, ଗତକାଲି ସମସ୍ତ ଦଳର ନେତାଙ୍କ ସହିତ ତାଙ୍କର ଆଲୋଚନା ହୋଇଛି । ବିମାନ ଉଡ଼ାଣ ସମୟରେ ପରିବର୍ତନ ଯୋଗୁଁ କେତେକ ସଦସ୍ୟ ସୋମବାର ପୂର୍ବାହ୍ନ ୧୧ଟାରେ ସଂସଦରେ ପହଂଚି ପାରିବେ ନାହିଁ ବୋଲି ବ୍ୟକ୍ତିଗତ ଭାବେ କହିଥିଲେ ।ଶ୍ରୀ ବିରଲା କହିଥିଲେ ଯେ, ସଦସ୍ୟ ମାନଙ୍କର ଏହି ଅନୁରୋଧକୁ ସ୍ୱୀକାର ପୂର୍ବକ ସୋମବାର ଲୋକସଭାର କାର୍ଯ୍ୟକ୍ରମ ଅପରାହ୍ନ ୨ଟାରେ ହେବ ଏବଂ ପ୍ରଶ୍ନକାଳ ବନ୍ଦ ହେବ ।

## ପ୍ରଧାନମନ୍ତ୍ରୀଙ୍କ ଅପିଲକୁ ସହଯୋଗ କରିବାକୁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୩(ପି.ଏନ): କରୋନା ଭାଇରସର ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ କରିଥିବା ଅପିଲ ସହ ଯୋଡି ହେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଟ୍ୱିଟର ହ୍ୟାଣ୍ଡେଲରେ ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧନ ଭିଡିଓକୁ ଶେୟାର କରିବା ସହ ଲେଖିଛନ୍ତି ଯେ ଅସାଧାରଣ ପରିସ୍ଥିତିରେ ଅସାଧାରଣ ପ୍ରତିକ୍ରିୟାର ଆବଶ୍ୟକତା ରହିଥାଏ । କୋଭିଡ-୧୯ ସମ୍ପୂର୍ଣ୍ଣ ମାନବଜାତି ପାଇଁ ଏକ ଆହ୍ୱାନ । ଏହି କାରଣରୁ ଆମେ ଗୋଟିଏ ଦେଶ ଭାବେ ଏକାଠି ହେବା ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ଅପିଲକୁ ସମର୍ଥନ କରିବା ବୋଲି ସେ କହିଛନ୍ତି।

## କରୋନାକୁ ଦୃଷ୍ଟିରେ ରଖି ୨୫୯୦ଟି ଘରୋଇ ସୁଲଭ ମୂଲ୍ୟ ଦୋକାନର ଲାଇସେନ୍ସ ୪ ମାସ ପାଇଁ ନବୀକରଣ କରାଯିବ

ଭୁବନେଶ୍ୱର, ୨୦।୩(ପି.ଏନ): କରୋନା(କୋଭିଡ-୧୯)କୁ ଦୃଷ୍ଟିରେ ରଖି ହିତାଧିକାରୀମାନେ ଯେପରି ସାଧାରଣ ବଂଟନ ବ୍ୟବସ୍ଥାରେ ମିଳୁଥିବା ଖାଦ୍ୟଶସ୍ୟ ସୁବିଧାରେ ପାଇପାରିବେ ସେଥିନିମନ୍ତେ ୨୫୯୦ଟି ଘରୋଇ ସୁଲଭ ମୂଲ୍ୟ ଦୋକାନର ଅପ୍ରେଲରୁ ଜୁଲାଇ ମାସ ୨୦୨୦ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହି ଖୁଚୁରା ଦୋକାନୀ (ରିଟେଲର)ମାନଙ୍କର ଲାଇସେନ୍ସ ନବୀକରଣ ୪ ମାସ ନିମନ୍ତେ କରାଯାଇଛି।



ଗୀତଗୋବିନ୍ଦ ସଦନଠାରେ କୋବିଦ-୧୯ର ମୁଖ ମୁଖ୍ୟପାତ୍ର ତଥା ଓଡ଼ିଶା ଦକ୍ଷତା ଉନ୍ନୟନ କର୍ତ୍ତୃପକ୍ଷ ସୁବ୍ରତ ବାଗଚୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା ସମ୍ପର୍କିତ ତଥ୍ୟ ପ୍ରଦାନ କରୁଛନ୍ତି। ପାର୍ଶ୍ୱରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ

## ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଲା, ଏକ ସଙ୍ଗେ ଫାଶୀରେ ଝୁଲିଲେ ଚାରି ଦୋଷୀ

ନୂଆଦିଲ୍ଲୀ, ୨୦।୩(ପି.ଏନ): ସାତ ବର୍ଷ ପୂର୍ବେ ସମଗ୍ର ଦେଶକୁ ମର୍ମାହତ କରିଥିବା ନିର୍ଭୟା ଘଟଣାର ଚାରି ଦୋଷୀଙ୍କୁ ଶେଷରେ ଦଣ୍ଡ ମିଳିଛି। ଦୀର୍ଘ ସାତ ବର୍ଷ ତିନି ମଙ୍କସର ପ୍ରତୀକ୍ଷା ପରେ ନିର୍ଭୟା ଓ ତାଙ୍କ ପରିଜନଙ୍କୁ ନ୍ୟାୟ ମିଳିଛି। ଫାଶୀ ଦେବାର ଶେଷ ମୁହୂର୍ତ ପର୍ଯ୍ୟନ୍ତ ଜାରି ଆଇନର ଜଟିଳତା ପରେ ବି ନିର୍ଭୟାର ଚାରି ଦୋଷୀ ଅକ୍ଷୟ, ପବନ, ମୁକେଶ ଓ ବିନୟଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀ ଦିଆଯାଇଛି ।ଏହି ସାତ ବର୍ଷର ସଂଘର୍ଷରେ ନିର୍ଭୟାଙ୍କ ମାତା-ପିତା କେବେ ହେଲେ ହାର ମାନିନଥିଲେ। ନିମ୍ନ ଅଦାଲତରୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ନ୍ୟାୟ ପାଇବାକୁ ଲଢେଇ ଜାରି ରଖିଥିଲେ। ଶେଷରେ ଆଜି ଚାରି ଦୋଷୀଙ୍କୁ ଫାଶୀ ଖୁଂଟରେ ଝୁଲାଇ ନିଜର ଝିଅକୁ ନ୍ୟାୟ ଦେଇକି ରହିଲେ ମା ଆଶା ଦେବୀ। ନିର୍ଭୟାଙ୍କ ଦୋଷୀଙ୍କୁ ଫାଶୀ ଦିଆଯିବାର ପ୍ରାୟ ଦୁଇ ଘଂଟା ପୂର୍ବରୁ ଜେଲ୍ ନିୟମାବଳୀ ପାଳନ କରାଯାଇଥିଲା। ଦୈନନ୍ଦୀନ କାମ ପରେ ସେମାନଙ୍କୁ ସ୍ନାନ କରାଯିବା ପରେ ସେମାନଙ୍କର ଇଚ୍ଛା ଅନୁସାରେ ଚା ସହିତ ଖାଇବାକୁ ଜଳଖିଆ ଦିଆଯାଇଥିଲା। ଏହା ପରେ ସେଲରୁ ବାହାର କରାଯାଇ ଫାଶୀ ଗୃହ ପର୍ଯ୍ୟନ୍ତ ନେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ତିହାର ଜେଲର ଅଧିକାରୀ ଫାଶୀ ଗୃହର ନୀରିକ୍ଷଣ କରିଥିଲେ। ଏହା ପରେ ସମସ୍ତ ଅପରାଧୀଙ୍କୁ ମୁହଁରେ କପଡା ଢାଙ୍କିବା ସହ ପଛ ପଟୁ ଦୁଇ ହାତ ବନ୍ଧା ଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟରେ ଚାରି ଦୋଷୀଙ୍କୁ ଏକ ସଙ୍ଗେ ଫାଶୀ ଦିଆଯାଇଥିଲା। ଫାଶୀର ସମୟ ସକାଳ ୫ଟା ୩୦ ପୂରା ହେବା ମାତ୍ରେ ତିହାର ଜେଲ୍ ବାହାରେ ଉପସ୍ଥିତ ଭିଡ ତାଳି ବଜାଇ, ବନ୍ଦେ ମା ତରମ ନାରା ଲଗାଇଥିଲେ। ଏହା ସହିତ ମିଠା ବାଂଟି ନିଜର ଖୁସି ବ୍ୟକ୍ତ କରିଥିଲେ।

## ଦ୍ୱିତୀୟ କରୋନା ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସିଥିବା ୪୩ ଜଣ ଚିହ୍ନଟ

ଭୁବନେଶ୍ୱର, ୨୦।୩(ପି.ଏନ): ଅଦ୍ୟାବଧି ଓଡ଼ିଶାରେ ୬୬ଟି ନମୁନା ପରୀକ୍ଷା କରାଯାଇଛି । ସେଥିରୁ ୬୨ଟି କରୋନା ନେଗେଟିଭ୍ ଥିବାବେଳେ ୨ଟି ପଜିଟିଭ୍ ଚିହ୍ନଟ ହୋଇଛି । ଆଜି ସୁଦ୍ଧା ୪ଟି ରିପୋର୍ଟ ହସ୍ତଗତ ହୋଇନାହିଁ । ଓଡ଼ିଶାରେ ଦ୍ୱିତୀୟ କରୋନା ପଜିଟିଭ୍ କେସ୍ ଚିହ୍ନଟ ହୋଇଛି । ୧୯ ବର୍ଷୀୟ ଏହି ଯୁବକ ୟୁ.କେରୁ ଫେରି ୧୮ ତାରିଖରେ ଭୁବନେଶ୍ୱରରେ ପହଂଚିଥିଲେ । ୧୯ ତାରିଖରୁ ତାଙ୍କୁ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରଖାଯାଇଛି ।

## ରବିବାର ଦିନ ଜନତା କର୍ଫ୍ୟୁ ପାଳନ କରି କରୋନା କବଳରୁ ଦେଶକୁ ସୁରକ୍ଷିତ ରଖିବା : ବିଜେପି

ଭୁବନେଶ୍ୱର, ୨୦।୩(ପି.ଏନ): ସାରା ବିଶ୍ୱରେ କରୋନା ଆତଙ୍କ ସୃଷ୍ଟି କରିଛି । ଏହି ମହାମାରୀର ମୁକାବିଲା କରିବା ଲାଗି କେନ୍ଦ୍ରସରକାର ଏବଂ ରାଜ୍ୟସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ସହ ଆମେ ଏହି ମହାମାରୀକୁ ନିରାକରଣ କରିବାକୁ ହେଲେ ଆମକୁ ସଂଯମ ଓ ସଂକଳ୍ପର ଆବଶ୍ୟକତା ରହିଛି ।ଅନ୍ୟପକ୍ଷରେ ରବିବାର ଦିନ ଜନତା କର୍ଫ୍ୟୁ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନକୁ ଗ୍ରହଣ କରିବାକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୨ ମାର୍ଚ୍ଚ ରବିବାର ଦିନ ସକାଳ ୭ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ 'ଜନତା କର୍ଫ୍ୟୁ' ପାଳନ କରାଯିବ। ଏହି ଦିନ ପ୍ରତି ନାଗରିକ ନିଜ ଘର ଭିତରେ ରହିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ଆସନ୍ତା ରବିବାର ଦିନ 'ଜନତା କର୍ଫ୍ୟୁ' ପାଳନ କରି କରୋନା କବଳରୁ ଦେଶକୁ ଏବଂ ରାଜ୍ୟକୁ ସୁରକ୍ଷିତ ରଖିବା। ରବିବାର ଦିନ ଆମେ ସମସ୍ତେ ଘରେ ରହି ଜରୁରୀ ସେବାରେ ନିୟୋଜିତ ଥିବା ଲୋକମାନଙ୍କୁ ସଂଧ୍ୟା ୫ଟାରେ ନିଜ ନିଜ ଘର ଦ୍ୱାର କିମ୍ୱା ବାଲକୋନିରେ ଛିଡ଼ା ହୋଇ ୫ ମିନିଟ ପର୍ଯ୍ୟନ୍ତ ତାଳି ମାରି କିମ୍ୱା ଘଂଟି ବଜାଇ ସେମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା । ସେହିପରି ଏନସିସି, ଏନଏସଏସ, ନାଗରିକ ସମାଜ ଭଳି ସଂଗଠନକୁ ଜନତା କର୍ଫ୍ୟୁ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଅତିକମରେ ୧୦ ଜଣ ଲେଖାଏଁ ଲୋକଙ୍କୁ ଫୋନରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି ସୂଚନା ଦେବାକୁ ଶ୍ରୀ ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧ କ୍ରମେ କରୋନା ସଂକ୍ରମଣକୁ ରୋକିବା ପାଇଁ "ଆମେ ସୁସ୍ଥ ରହିଲେ ବିଶ୍ୱ ସୁସ୍ଥ ରହିବ" ମନ୍ତ୍ର ପାଳନ କରିବା। ଆମକୁ ସର୍ତକ ଏବଂ ସଚେତନ ହୋଇ କରୋନା ବିରୁଦ୍ଧରେ ଲଢେଇ କରିବା। ଏହା ସହ ସାମାଜିକ ଦୂରତା' ବା ସୋସିଆଲ ଡିଷ୍ଟାନ୍ସିଂ ନିୟମ ପାଳନ କରିବା। ଅତି ଜରୁରି ହେଲେ ଘରୁ ବାହାରିବା ନଚେତ୍ ଘରେ ଥାଇ କାମ କରିବା, ଅଯଥା ଯାତ୍ରା ନକରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନେ ଆଗାମୀ କିଛି ସପ୍ତାହ ଘରୁ ନବାହାରିବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକ ନଥିଲେ ମେଡିକାଲ ଠାରୁ ଦୂରରେ ରହିବା, ଅତି ଆବଶ୍ୟକ ନଥିଲେ ଅସ୍ତ୍ରୋପଚାର ନକରିବା, ଜରୁରୀ ସମାଗ୍ରୀ ମହଜୁଦ ନରଖିବା ଏବଂ ଗୁଜବ ଓ ଭୂଲ ସୂଚନାକୁ ବିଶ୍ୱାସ ନକରି କରୋନାର ମୁକାବିଲା କରିବା ପାଇଁ ସର୍ତକତା ଓ ସ୍ୱଚ୍ଛତା ଅବଲମ୍ୱନ କରିବାକୁ ଶ୍ରୀ ମହାନ୍ତି ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ଖାଦ୍ୟ, କ୍ଷୀର, ଔଷଧ ଆଦି ନିତ୍ୟାବଶ୍ୟକ ଜରୁରି ସାମଗ୍ରୀର ଅଭାବ ହେବ ନାହିଁ ଏବଂ ଏ ଦିଗରେ ଯଥେଷ୍ଟ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଏଣୁ ଆମେ ଆତଙ୍କିତ ନହୋଇ କୋଭିଡ-୧୯ ମୁକାବିଲା ଲାଗି ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଲାଗି ଶ୍ରୀ ମହାନ୍ତି ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏଭଳି ସଂକଟ ସମୟରେ କାର୍ଯ୍ୟରତ ନିମ୍ନ ଆୟ ବର୍ଗର ଲୋକମାନଙ୍କ ଦରମା କାଟ୍ ନକରିବାକୁ ସମସ୍ତ ବ୍ୟବସାୟୀ ଓ ଉଚ୍ଚ ଆୟ ବର୍ଗର ଲୋକମାନଙ୍କୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।ଭୟାଭୟ ଓ ମାରାତ୍ମକ କରୋନା ରୋଗକୁ ପ୍ରତିହିତ କରିବା ଦିଗରେ ସମସ୍ତ ମନ୍ଦିର, ମସଜିଦ୍, ଚର୍ଚ୍ଚ ଆଦି ଧାର୍ମିକ ଅନୁଷ୍ଠାନ; ବସ୍ ସଂଘ, ଅଟୋ ସଂଘ, ବ୍ୟବସାୟୀ ସଂଘ ଓ ବିଭିନ୍ନ ଗଣ ସଂଗଠନ ସମେତ ସମଗ୍ର ରାଜ୍ୟବାସୀଙ୍କୁ ଏହି 'ଜନତା କର୍ଫ୍ୟୁ' ରେ ସାମିଲ ହୋଇ ନିଜ ନାଗରିକ ଦାୟିତ୍ୱ ପାଳନ କରିବାକୁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି ।ଏହି ଅବସରରେ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଏବଂ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଉପସ୍ଥିତ ଥିଲେ।

## ଆମ ସମସ୍ତଙ୍କୁ ମିଳିମିଶି ଧୈର୍ଯ୍ୟ ଓ ସାହାସର ସହ କରୋନା : ଆହ୍ୱାନର ମୁକାବିଲା କରିବାକୁ ପଡିବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୦।୩(ପି.ଏନ): କରୋନା ଭୂତାଣୁ ବିଶ୍ୱ ମହମାରୀର ରୂପ ନେଇଥିବା ବେଳେ ଆମ ସମସ୍ତଙ୍କୁ ମିଳିମିଶି ଏଭଳି ପ୍ରାକୃତିକ ସଂକଟକୁ ସାମ୍ନା କରିବାକୁ ପଡିବ । ରାଜ୍ୟ ତଥା ଦେଶବାସୀ କୌଣସି ପ୍ରକାର ଭୟଭୀତ ନହୋଇ ଧୈର୍ଯ୍ୟ ଓ ସାହସର ସହ ବିଶ୍ୱ ମହାମାରୀ କରୋନା ଭାଇରସ ବିରୁଦ୍ଧରେ ମୁକାବିଲା କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଂପ୍ରତିକ ସ୍ଥିତିରେ ଭୟଭୀତ ହେବା ବଦଳରେ ପ୍ରତିଷେଧକ ଓ ସୁରକ୍ଷାଗତ ପଦକ୍ଷେପ ନେବା ଏବେ ସମୟର ଆହ୍ୱାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନରେ ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତିରେ ପହଁଚିଛି । କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ସଙ୍କଟରେ ପକାଇଛି । ଏହା ବିଶ୍ୱଯୁଦ୍ଧ ଠାରୁ ବି ଭୟଙ୍କର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାର ଅନେକ ସକରାତ୍ମକ ପଦକ୍ଷେପ ନେଉଛନ୍ତି । ଏଭଳି ସମୟରେ ସରକାରଙ୍କ ସହଯୋଗୀ ଭାବେ ଲୋକଙ୍କୁ ବ୍ୟାପକ ସଚେତନତା ହେବାକୁ ପଡିବ । ଯୁବପିଢି, ରାଜନୈତିକ କାର୍ଯ୍ୟକର୍ତା, ଗଣମାଧ୍ୟମ ଓ ସରକାରୀ କର୍ମଚାରୀ ଏହି ଦାୟିତ୍ୱରୁ ମୁହଁ ନଫେରାଇ ସମସ୍ତେ ସାମ୍ନା କରିବା ଦରକାର । ଓଡିଶା ସମେତ ଦେଶର ଅଧିକାଂଶ ସଂକ୍ରମିତ ବ୍ୟକ୍ତି ବିଦେଶରୁ ଏହି ଭାଇରାସ ଦ୍ୱାରା ଆକ୍ରାନ୍ତ ହୋଇ ସ୍ୱଦେଶକୁ ଆସିଛନ୍ତି ବା ଦେଶ ଭିତରେ ସେମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା କେହି କେହି ସଂକ୍ରମିତ ହୋଇଛନ୍ତି । ଏପରି ପରିସ୍ଥିତିରେ ବିଦେଶରୁ "ଆମ ରାଜ୍ୟ ଓଡିଶାକୁ ଫେରୁଥିବା ବନ୍ଧୁମାନେ ସରକାରୀ ବ୍ୟବସ୍ଥା ଅନୁସାରେ ନିଜକୁ ପଞ୍ଜିକୃତ କରିବା ଓ ଡାକ୍ତରୀ ପରାମର୍ଶ ଅନୁସାରେ ଏହି ସଂକ୍ରମଣର ଲକ୍ଷଣ ଥିଲେ ନିଜକୁ କ୍ୱାରାଂଟାଇନ୍ ବା ଅନ୍ୟ ମାନଙ୍କ ଠାରୁ ଦୂରରେ ରଖିବା ପରି



ବ୍ୟବସ୍ଥାକୁ ନିଷ୍ଠାର ସହିତ ପାଳନ କରିବା ଜରୁରୀ । ଏହାସହ ରିପୋର୍ଟ ପଜେଟିଭ୍ ବାହାରିଲେ ଭୟଭୀତ ନହୋଇ ଡାକ୍ତର ଓ ବିଶେଷଜ୍ଞ ପରାମର୍ଶ ନେବା ଜରୁରୀ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଡାକ୍ତର ବା ବିଶେଷଜ୍ଞଙ୍କ କହିବାନୁସାରେ ଥଣ୍ଡା, ଜ୍ୱର, କାଶ ଭଳି ଲକ୍ଷଣ ଦେଖାଗଲେ ଲୋକମାନେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସେହିପରି ଲୋକଙ୍କୁ ଧାର୍ମିକ, ବିବାହ ଉତ୍ସବ ସମେତ ଭିଡ ଅଂଚଳରେ ଅନେକ ସ୍ଥାନରେ ସାମାଜିକ ଦୂରତା ଅବଲମ୍ୱନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାସମେତ ବିଶେଷ ଭାବରେ ଗରିବ ଲୋକମାନଙ୍କ ବିଶେଷ ଯତ୍ନ ନେବା ସମସ୍ତଙ୍କର ଦାୟିତ୍ୱ । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆସନ୍ତା ରବିବାର ଦେଶର ଲୋକମାନେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରେ ରହି 'ଜନତା କର୍ଫ୍ୟୁ'କୁ ସଫଳ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ସେହିପରି ଏଭଳି ସମୟରେ ଦେଶର ଡାକ୍ତର, ନର୍ସମାନେ ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ନିର୍ଭୀକ ଭାବେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଏମାନଙ୍କ ସହଯୋଗ କରିବାକୁ ସେ କହିଛନ୍ତି । ଡାକ୍ତରଖାନାରେ ଗହଳି ନକରି ଘରେ ରହି ଡାକ୍ତରଙ୍କ ପରାମର୍ଶନୁସାରେ ଚିକିତ୍ସା କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏତଦବ୍ୟତିତ ପ୍ରଧାନମନ୍ତ୍ରୀଙ୍କ ଅପିଲ କ୍ରମେ ଆସନ୍ତା ରବିବାର ଦିନ ସଂଧ୍ୟା ୫ଟାରେ ୫ ମିନିଟ୍ ପାଇଁ ଚିକିତ୍ସକ, ପାରା ମେଡିକାଲଙ୍କ ଭଳି ବ୍ୟକ୍ତିବିଶେଷ ମାନଙ୍କୁ ହରିବୋଲ, କରତାଳି, ହୁଳହୁଳି ଓ ଶଙ୍ଖ ଫୁଙ୍କି ଏମାନଙ୍କୁ କୃତଜ୍ଞତା ଜଣାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି ଶ୍ରୀ ପ୍ରଧାନ । କରୋନା ଭାଇରସର ମୁକାବିଲା ନିମନ୍ତେ ଓଡିଶା ରାଜ୍ୟରେ ସରକାରଙ୍କ ପ୍ରସ୍ତୁତିକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ କହିଛନ୍ତି ଯେ କରୋନାର ମୁକାବିଲା କରିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଭଲ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅପରପକ୍ଷରେ ସାର୍କ ଦେଶ ଗୁଡିକରେ କରୋନା ଭାଇରସର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନେତୃତ୍ୱ ନେଇଛନ୍ତି । ଏଥିରେ ସମସ୍ତେ ସହଯୋଗୀ ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏଭଳି ସ୍ଥିତିରେ କୌଣସି ପ୍ରକାର ଭୟଭୀତ ନହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଦେଶର ସମସ୍ତ ଜନସାଧାରଣ ମିଶି ରାଜ୍ୟ ଓ ଦେଶକୁ ଏହି ବିଶ୍ୱ ମହାମାରୀକୁ ଦୃଢତାର ସହ ସାମ୍ନା କରନ୍ତୁ ଏବଂ ସମସ୍ତଙ୍କ ମିଳିତ ଉଦ୍ୟମରେ ମାନବ ଜାତି ସୁରକ୍ଷିତ ହୋଇପାରିବ ବୋଲି ସେ କହିଛନ୍ତି ।

## ନିର୍ଭୟାର ଚାରି ଦୋଷୀଙ୍କୁ ଫାଶୀରେ ଝୁଲାଇଲେ ମେରଠର ଘାତକ ପବନ

ମେରଠ, ୨୦।୩(ପି.ଏନ): ସାତ ବର୍ଷ ପରେ ଶେଷରେ ମେରଠର ଘାତକ ପବନ ନିର୍ଭୟା ମାମଲାର ଚାରି ଦୋଷୀଙ୍କୁ ଫାଶୀରେ ଝୁଲାଇଛି । ଏଥିରେ ମେରଠରେ ପବନର ପଡୋଶୀ ଲୋକ ଏଥିରେ ଖୁସି ପ୍ରକାଶ କରିଛନ୍ତି। ସେମାନଙ୍କର କହିବା କଥା ଏଥିରେ ସମାଜରେ ଅପରାଧିଙ୍କୁ କଠୋର ସନ୍ଦେଶ ଯିବ। ନିର୍ଭୟାର ଦୋଷୀଙ୍କୁ ଅନେକ ଥର ଫାଶୀର ତାରିଖ ସ୍ଥିର ହେବା ପରେ ଘାତକ ପବନଙ୍କୁ ଅନେକ ଥର ତିହାର ଜେଲରୁ ଡାକରା ଆସୁଥିଲା। ଏଥର ଚତୁର୍ଥ ଥର ମୃତ୍ୟୁ ପରଓ୍ୱାନ(ଡେଥ୍ ଓ୍ୱାରେଂଟ) ଦୋଷୀଙ୍କ ପାଇଁ ଶେଷ ସାବ୍ୟସ୍ତ ହୋଇଛି। ଦୋଷୀଙ୍କୁ ଫାଶୀ ଦେବା ଲାଗି ଘାତକ ପବନଙ୍କୁ ମାର୍ଚ୍ଚ ୧୭ରେ ତିହାର ଡକାଯାଇଥିଲା। ଏହା ପରଠୁ ଦେଶବାସୀଙ୍କ ନଜର ଏହି ଫାଶୀ ଉପରେ ଥିଲା। ଦେଶର ଇତିହାସରେ ପ୍ରଥମ ଥର ଚାରି ଜଣଙ୍କୁ ଏକ ସଙ୍ଗେ ଫାଶୀ ଦିଆଯାଇଛି।

### ଫାଶୀ ଦେବାକୁ ଉତ୍ସୁକ ଥିଲା ଘାତକ ପବନ

ମେରଠର କାଂଶୀରାମ ଆବାସୀୟ କଲୋନୀରେ ରହୁଥିବା ଘାତକ ପବନ ଓରଫ ସିନ୍ଧିରାମ ନିର୍ଭୟାର ଦୋଷୀଙ୍କୁ ଫାଶୀ ଦେବାକୁ ଉତ୍ସୁକ ଥିଲା ମାତ୍ର ଆଇନ ବ୍ୟବସ୍ଥାର ଜଟିଳତା କାରଣରୁ ତାଙ୍କୁ ବାରମ୍ୱାର ତିହାର ଜେଲରୁ ଫେରି ବାକୁ ପଡୁଥିଲା। ଲଖନଉର ଘାତକ ଇସମାଇଲ ଅସୁସ୍ଥ ଥିବା କାରଣରୁ ପବନଙ୍କୁ ଏହି ସୁଯୋଗ ମିଳିଥିଲା। ମେରଠବାସୀଙ୍କ ମଧ୍ୟରେ ଖୁସିର ଲହର ନିର୍ଭୟା ଦୋଷୀଙ୍କୁ ଫାଶୀ ଖବର ମିଳିବା ମାତ୍ରେ ମେରଠର ଲୋକଙ୍କ ମଧ୍ୟରେ ଖୁସିର ଲହର ଖେଳି ଯାଇଛି। ଲୋକେ କହିଛନ୍ତି ଯେ, ଏମିତି କଠୋର ସଜାରେ ଅପରାଧୀଙ୍କ ମନରେ ଭୟ ଉତ୍ପନ ହେବ ଓ ସମାଜକୁ ସୁରକ୍ଷିତ ରଖିବାରେ ସଫଳତା ମିଳିବ। ଔଷଧ ବ୍ୟବସାୟୀ ରଜନୀଶ କୌଶଲ ରଜନଙ୍କ କହିବା କଥା ଚାରି ଦୋଷୀଙ୍କୁ ଫାଶୀ ହେବାରୁ ସମାଜରେ ଅପରାଧୀଙ୍କ ପ୍ରତି ଏକ କଠୋର ସନ୍ଦେଶ ଯିବ। ଏଥିରେ ଅପରାଧୀ କିଛି ଅପରାଧ କରିବାକୁ ଚିନ୍ତା କରିବେ। ସମାଜସେବୀ ନୀତିନଙ୍କ କହିବା କଥା ଏହି ଫାଶୀରେ ଭୁଲ୍ କାମ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହେବ।

## ଭୁବନେଶ୍ୱରରେ ବନ୍ଦ ରହିବ ଦୋକାନ୍ ଓ ସୋରୁମ୍

ଭୁବନେଶ୍ୱର ,୨୦।୩(ପି.ଏନ): କରୋନା ଭାଇରସ ସଂକ୍ରମଣ ରୋକିବା ଲାଗି କର୍ଫ ସପ୍ , ରେଷ୍ଟୁରାଂଟ, ବାର ବନ୍ଦ ରହିବା ନେଇ ଶୁକ୍ରବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି।

ଏହା ବ୍ୟତୀତ ସମସ୍ତ ବଜାର, ମାର୍କେଟ କମ୍ପ୍ଲେକ୍ସ ଓ ଗାଁ ହାଟରେ କେବଳ ଖାଦ୍ୟ ସାମଗ୍ରୀ ହିଁ ବିକ୍ରି ହେବ। ଖାଉଟି ସାମଗ୍ରୀ, ପନିପରିବା, ମାଂସ , ମାଛ , ଅଣ୍ଡା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ହିଁ କେବଳ ବଜାର ଖୋଲିବାକୁ ଅନୁମତି ମିଳିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଭୁବନେଶ୍ୱର ପାଇଁ ଅତିରିକ୍ତ ନିର୍ଦ୍ଦେଶ ନାମା ଜାରୀ କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ନିମ୍ନ ଲିଖିତ ଦୋକାନ , ସୋ ରୁମ୍ ଓ ଗୋଦାମ ବନ୍ଦ ରହିବ।

୧.ଅଳଙ୍କାର ସୋ' ରୁମ୍ ଓ ଦୋକାନ
୨. ବୈଦ୍ୟୁତିକ ଉପକରଣ ବିକ୍ରି ହେଉଥିବା ସୋ' ରୁମ୍ ଓ ଦୋକାନ
୩. ଚରିଚକିଆଯାନ ବିକ୍ରି ହେଉଥିବା ସୋ' ରୁମ୍/ ଅଟୋମୋବାଇଲ/ ବାଇ-ସାଇକେଲ ସୋ'ରୁମ୍
୪. ଖେଳସାମଗ୍ରୀ ବିକ୍ରି ହେଉଥିବା ସୋ'ରୁମ୍
୫. ଆସବାବପତ୍ର ସାମଗ୍ରୀ ସୋ'ରୁମ୍
୬.ଜୋତା ଓ ବ୍ୟାଗ୍ ସୋ' ରୁମ୍
୭. ମାର୍ବଲ/ ଟାଇଲ୍ ବିକ୍ରି ହେଉଥିବା ସୋ'ରୁମ୍ ଓ ଦୋକାନ
୮. ଘଂଟା ଦେକାନ ଓ ସୋ'ରୁମ୍
୯. ଘର ରଙ୍ଗ ବିକ୍ରି ହେଉଥିବା ଦୋକାନ ଓ ସୋ'ରୁମ୍
୧୦. ବହି ଖାତା ଓ ମାଗାଜିନ୍ ବିକ୍ରି ହେଉଥିବା ଷ୍ଟୋର
୧୧. ଉପହାର ସାମଗ୍ରୀ ଓ ନିମନ୍ତ୍ରଣ ପତ୍ର ବିକ୍ରି ହେଉଥିବା ଷ୍ଟୋର

ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ସୋରୁମ୍ ଓ ଦୋକାନ ଗୁଡିକ ବନ୍ଦ ରହିବ ବୋଲି ବିଏମସି ନିର୍ଦ୍ଦେଶନାମା ରେ ଉଲ୍ଲେଖ କରାଯାଇଛି।

## ଆଜିଠୁ ଭୁବନେଶ୍ୱରରେ ଲାଗୁ ହେବ ଯୁଗ୍ମ ଅଯୁଗ୍ମ ଫର୍ମୁଲା

### - ବସ୍ , ଅଟୋ ଓ ସାଧାରଣ ପରିବହନ ଉପରେହେବ ଲାଗୁ
### - ବାଦ୍ ପଡିବ ଘରୋଇ ଓ ହସ୍ପିଟାଲ ଗାଡି

ଭୁବନେଶ୍ୱର ,୨୦।୩(ପି.ଏନ): କରୋନା ଭାଇରସ ସଂକ୍ରମଣ ରୋକିବା ଲାଗି ରାଜଧାନୀ ଦିଲ୍ଲୀ ଭଳି ଭୁବନେଶ୍ୱରରେ ଯୁଗ୍ମ-ଅଯୁଗ୍ମ ବ୍ୟବସ୍ଥାରେ ଚଳିବ ଗାଡ଼ି। ବସ୍, ଅଟୋ ରିକ୍ସା ଓ ଅନ୍ୟ ସାଧାରଣ ପରିବହନ ଯୋଗାଉଥିବା ଗାଡ଼ି ଯୁଗ୍ମ-ଅଯୁଗ୍ମ ଫର୍ମୁଲାରେ ଗଡ଼ିବ। ତେବେ ଘରୋଇ ଓ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଗାଡ଼ି ଗୁଡ଼ିକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି । ଏସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରୀ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ଶନିବାର ଠାରୁ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଲାଗୁ ହେବ। ଫଳରେ ଆସନ୍ତାକାଲିଠାରୁ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବସ୍, ଟ୍ୟାକ୍ସି, ଅଟୋରିକ୍ସାର ଶେଷ ନମ୍ବର ୧, ୩, ୫, ୭ ଓ ୯ ଥିବ, ସେହି ଯାନବାହାନ ଗୁଡ଼ିକ ରାସ୍ତାରେ ଗଡ଼ିପାରିବ। ସେହିପରି ବସ୍, ଟ୍ୟାକ୍ସି, ଅଟୋରିକ୍ସାର ଶେଷ ନମ୍ବର ୦, ୨, ୪, ୬ ଓ ୮ ଥିଲେ, ସେହି ପ୍ରକାର ଗାଡ଼ିଗୁଡ଼ିକ ରବିବାର ଯାତ୍ୱତାୟତ କରିପାରିବ ।ଯୁଗ୍ମ-ଅଯୁଗ୍ମ ନମ୍ବରଯୁକ୍ତ ଯାନବାହାନ ଚଳାଚଳ ନିୟମ ବ୍ୟକ୍ତିଗତ ଗାଡ଼ି ଉପରେ ଲାଗୁ ହେବ ନାହିଁ। ସେହିପରି ସରକାରୀ ଗାଡ଼ି ଅଥବା ଜରୁରୀକାଳୀନ ପରିସ୍ଥିତିରେ ଭଡାରେ ନିଆଯାଉଥିବା ଗାଡ଼ିକୁ କୌଣସି ଅସୁବିଧା ହେବ ନାହିଁ। ଘରୋଇ ହସ୍ପିଟାଲ ଦ୍ୱାରା ଡାକ୍ତର ଓ ହସ୍ପିଟାଲ କର୍ମଚାରୀଙ୍କୁ ନେବା-ଆଣିବାରେ କୌଣସି ଅସୁବିଧା ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।











# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଅବହେଳିତ ଅବସ୍ଥାରେ ମୟୂରଭଞ୍ଜ ଇତିହାସର ମୁକସାକ୍ଷୀ କ୍ରାନ୍ତି ପୀଠ ଢ଼େଳିଙ୍ଗି ବନ୍ଧ

ବାରିପଦା: ଓଡ଼ିଶା ରାଜ୍ୟର ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ଭାବେ ପରିଗଣିତ ହେଉଥିବା ମୟୂରଭଞ୍ଜର ଇତିହାସକୁ ତର୍ଜମା କଲେ ବହୁ ଲୁକ୍କାୟିତ ଗାରିମାମୟ ଘଟଣାବଳୀ ଲୋକ ଲୋଚନକୁ ଆସିପାରିବ । ଯାହା ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ ନାହିଁ । ସେଥି ମଧ୍ୟରୁ କପ୍ତିପଦା ଉପଖଣ୍ଡର ଶିଳାଘାଟି ପଂଚାୟତର ଢେଳିଙ୍ଗି ବନ୍ଧ ଅନ୍ୟତମ । ଉକ୍ତ ବନ୍ଧ ନିର୍ମାଣ ସମୟରେ ସଂଗଠିତ ବିପ୍ଲବ ମୟୂରଭଞ୍ଜ ଇତିହାସରେ ଏକ ଗାରିମାମୟ ଅଧ୍ୟାୟ । ଭାରତରେ ବ୍ରିଟିଶ ଶାସନ ଚାଲିଥିବା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ବ୍ରିଟିଶ ସରକାରଙ୍କର ଏକ କରଦ ରାଜ୍ୟ ଭାବେ ଶାସିତ ହେଉଥିଲା । ଯେଉଁ ରାଜ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଳି ପ୍ରବଳ ପ୍ରତାପୀ ପ୍ରଜାନୁରାଗୀ ମହାରାଜା ଶାସନ ଭାର ଗ୍ରହଣ କରି କେବଳ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ନୁହେଁ ଓଡ଼ିଶା ତଥା ବିଭିନ୍ନ ଗଡ଼ଜାତ ରାଜ୍ୟରେ ଲୋକପ୍ରିୟତାର ଶେଷ ସୋପାନକୁ ସ୍ପର୍ଶ କରି ସୁନାମ ଅର୍ଜ୍ଜନ କରିପାରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ବ୍ରିଟିଶ ଶାସକଙ୍କ କୂଟନୀତିର ଶୀକାର ହେବା ଆରମ୍ଭ ହୋଇ ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ଆଧିପତ୍ୟ ବୃଦ୍ଧି ପାଇଥିଲା । ଯାହାଫଳରେ ରାଜ୍ୟରେ ପ୍ରଜାଙ୍କ ସହିତ ମହାରାଜାଙ୍କ ପୂର୍ବରୁ ରହିଆସିଥିବା ସୁସମ୍ପର୍କରେ ବିରାଟ ଫାଙ୍କ ଦେଖାଦେଇଥିଲା । ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର କେତେକ ସର୍ଦ୍ଦାର, ପାଇକ ପ୍ରଧାନ, ଜମିଦାର ଓ ଦୁର୍ନୀତି ଗ୍ରସ୍ତ ରାଜଦରବାରର କର୍ମଚାରୀମାନଙ୍କ ଆଧିପତ୍ୟ ବିସ୍ତାର ହୋଇଥିଲା ଏବଂ ଶାସନ ବ୍ୟବସ୍ଥାରେ ମହାରାଜାଙ୍କ ଶାସନ କ୍ଷମତା ସଙ୍କୋଚିତ ହେବା ଦ୍ୱାରା ଏହି ଧରଣର ଗୋଷ୍ଠୀମାନଙ୍କ ପଥ ପରିଷ୍କାର ହୋଇଥିଲା । ଦୀର୍ଘ ବର୍ଷର ରାଜତନ୍ତ୍ର ଶାସନରେ ପ୍ରଥମ ଥର ଆରମ୍ଭ ହୋଇଥିଲା ପ୍ରଜାପୀଡ଼ନ । ୧୯୪୦ ସମୟରେ ପ୍ରାୟ ସମସ୍ତ ଗଡ଼ଜାତ ରାଜ୍ୟଗୁଡ଼ିକରେ ମହାରାଜା ଓ ରାଜାମାନଙ୍କ ବିରୋଧରେ ମୁଣ୍ଡ ଟେକି ଉଠିଲା ପ୍ରଜା ଆନ୍ଦୋଳନ । ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମଧ ଏହାର ପ୍ରଭାବ ପ୍ରତିଫଳିତ ହୋଇଥିଲା । ୧୯୪୨ ଅଗଷ୍ଟ ୯ ଭାରତ ଛାଡ଼ ଆନ୍ଦୋଳନ ସମୟକୁ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ପ୍ରଜା ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କ୍ଷମତା ଚାଲିଯିବା ଭୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଇଂରେଜ ସରକାରଙ୍କ ସହାୟତା ଲୋଡ଼ିବା ଫଳରେ ବ୍ରିଟିଶ ସରକାର ମହାରାଜାଙ୍କ ସହ ପ୍ରଜାମାନଙ୍କୁ ଶୋଷଣ କରିବାର ରାସ୍ତା ଫିଟି ଯାଇଥିଲା । ଆନ୍ଦୋଳନକାରୀମାନଙ୍କୁ ମେଳିଆ ବୋଲି ଆଖ୍ୟା ଦେଇ ପ୍ରଜାମଣ୍ଡଳର ବିଭିନ୍ନ ସଂସ୍କାରଧର୍ମୀ ଜନହିତକର କାର୍ଯ୍ୟଗୁଡ଼ିକୁ ପ୍ରତିହତ କରାଇବା ଉଦ୍ଦେଶ୍ୟରେ ରାଜ କର୍ମଚାରୀମାନେ ବଳ ପ୍ରୟୋଗ ସହିତ ନିର୍ଯ୍ୟାତନା ଦେବାକୁ ପଛାଉନଥିଲେ । ଏହି ସମୟରେ କୃଷି ମରୁଡ଼ି ଦାଉରୁ ଚାଷ ଜମିକୁ ବଂଚାଇବା ଉଦ୍ଦେଶ୍ୟରେ କପ୍ତିପଦା ଉପଖଣ୍ଡର ଖୁଂଟା ନିକଟବର୍ତ୍ତି ଶିଳାଘାଟିଠାରେ କିମ୍ବୀରାହୁଡ଼ି ଓ ଭାଗିରଥୀହୁଡ଼ି ଦୁଇଟି କ୍ଷୁଦ୍ର ପାହାଡିଆ ସ୍ଥାନକୁ ଯୋଡ଼ି ବନ୍ଧ ବାନ୍ଧି ଜଳ ଭଣ୍ଡାର ନିର୍ମାଣର ଲକ୍ଷ୍ୟ ନେଇ ପ୍ରଜାମଣ୍ଡଳର କର୍ମକର୍ତାମାନେ ଆଗେଇ ଆସିଥିଲେ । ବନ୍ଧ ନିର୍ମାଣ ହେଲେ ଚାଷୀମାନଙ୍କ ଜମିରେ ଜଳସେଚନ ଦ୍ୱାରା ବିଭିନ୍ନ ଫସଲ ଉତ୍ପାଦନ ସମ୍ଭବ ହେବା ସାଙ୍ଗକୁ ଶସ୍ୟ ଶ୍ୟାମଳା ହୋଇପାରିବ । ଉକ୍ତ ପ୍ରସ୍ତାବକୁ ପ୍ରଜା ମଣ୍ଡଳ ସମ୍ମୁଖରେ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଜଗନ୍ନାଥ କାମିଲା, ଗିରୀଶ ଚନ୍ଦ୍ର ରାୟ, ପୂର୍ଣ୍ଣ ପରିଛା ଓ ହାରାଚାନ୍ଦ ହାଁସଦାଃ ପ୍ରମୁଖ ଉପସ୍ଥାପନ କରିଥିଲେ । ହେଲେ ବ୍ରିଟିଶ ସରକାରଙ୍କ ପ୍ରରୋଚନାରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଫଳସ୍ୱରୂପ ସ୍ୱାଭିମାନୀ ପ୍ରଜାମଣ୍ଡଳର କର୍ମକର୍ତ୍ତାମାନେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାଙ୍କ ବିନା ସହଯୋଗ ଓ ସହାୟତାରେ ବନ୍ଧ ନିର୍ମାଣ କରିବା ନିମନ୍ତେ ନିଷ୍ପତି ନେବା ସହ କାର୍ଯ୍ୟ ଶୁଭାରମ୍ଭ ନିମନ୍ତେ ଦିନ ଓ ସମୟ ଧାର୍ଯ୍ୟ କରିଥିଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ ସେ ଆଜି ସଫଳ ଉଦେଣ୍ଯାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଯଟକଙ୍କ ଭିଡ। ଏହି ଉଦେଣ୍ଯାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଯରେ ସାହାଯଣ୍ଯ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଯାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଯତୀତ ଅନଣ୍ଯ ରାଜଣ୍ଯରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଯାରେ ପର୍ଯଣ୍ଯଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଯଟକଙ୍କ ବର୍ଦ୍ଧିତ ସଂଖଣ୍ଯାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଯ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଯଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଯଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଯଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଯାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଯ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଯଟକଙ୍କ ଭିଡକୁ ଲକ୍ଷଣ୍ଯ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଯ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଯବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଯତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଯାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଯ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଯ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଯ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଯାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଯ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢ଼ୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଯନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୦, ମାର୍ଚ୍ଚ ୨୧

# ଶିକ୍ଷା କ୍ଷେତ୍ରରେ ସଂକଟ !

ଇତିହାସ କହେ ଯେ ଏକଦା ଆମ ଦେଶ ଶିକ୍ଷା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜିଥିଲା। ନାଳନ୍ଦା ଭଳି ବିଶ୍ୱବିଦ୍ୟାଳୟକୁ ବିଦେଶରୁ ଶିକ୍ଷାର୍ଥୀ-ଶିକ୍ଷକମାନେ ଆସି ଅଧ୍ୟୟନ-ଅଧ୍ୟାପନା କରୁଥିଲେ। ମାତ୍ର ଧୀରେଧୀରେ ଆମ ଦେଶ ଶିକ୍ଷା କ୍ଷେତ୍ରରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ବହୁତ ପଛରେ ପଡ଼ିସାରିଛି। ଆମର ଏଠି ବର୍ତ୍ତମାନ କୌଣସି ପ୍ରତିଭାବାନ୍ ବା ବୁଦ୍ଧିଦୀପ୍ତ ବ୍ୟକ୍ତି ଶିକ୍ଷକ ହେବାକୁ ଚାହୁଁନାହାନ୍ତି; କାରଣ ସେଥିରେ ଉଚ୍ଚ ବେତନ ନାହିଁ କି ଆଗ ପରି ମାନସମ୍ମାନ ମଧ୍ୟ ନାହିଁ। ଏବେ ଏକ ବିଧିବଦ୍ଧ ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତର ବହୁ ଶିକ୍ଷକ ଓ ଅଧ୍ୟାପକ ଭାରତ ଛାଡ଼ି ବ୍ରିଟେନ ଚାଲିଯାଉଛନ୍ତି। ସେଠାକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କ୍ରମାଗତ ଭାରତୀୟ ଅଧ୍ୟାପକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ଭିତରୁ କେତେକ ବ୍ରିଟେନରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବ ଅଛନ୍ତି; ମାତ୍ର ଭାରତୀୟ ନାଗରିକ ମଧ୍ୟ କମ୍ ନାହାନ୍ତି, ଯେଉଁମାନେ ଶିକ୍ଷକ ଚାକିରି ପାଇଁ ସେଠାକୁ ଯାଇଛନ୍ତି। ୱାର୍ଓ୍ୱିକ୍ ବିଜିନେସ୍ ସ୍କୁଲର ଡ୍ୟୁଲିନି ଫର୍ନାଣ୍ଡୋ ଓ ନଟିଙ୍ଗହାମ୍ ବିଶ୍ୱବିଦ୍ୟାଳୟ ବିଜିନେସ୍ ସ୍କୁଲର ଲରି କୋହେନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁସାରେ ଅକ୍ସଫୋର୍ଡ ଓ କେମ୍ବ୍ରିଜ୍ ସମେତ ବ୍ରିଟେନର ପ୍ରତିଷ୍ଠିତ ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକରେ ବ୍ରିଟିଶ ଭାରତୀୟ ଶିକ୍ଷକଙ୍କ ସଂଖ୍ୟା ୫ ହଜାରରୁ ଅଧିକ ହେଲାଣି। ପରିସଂଖ୍ୟାନ ଅନୁସାରେ ଏହା ପ୍ରାୟ ୨୦ ଶତାଂଶ। ଭାରତୀୟ ଶିକ୍ଷାବିତ୍‌ଙ୍କ ମଧ୍ୟରୁ ଅଧିକାଂଶ ବିଜିନେସ ଷ୍ଟଡିଜ୍, ମେକାନିକାଲ୍ ଇଂଜିନିୟରିଂ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଶିକ୍ଷାଦାନ କରୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ପ୍ରକୃତରେ ଭାରତୀୟ ଶିକ୍ଷକମାନଙ୍କୁ ସେଠାରେ ଯେଉଁ ମାନସମ୍ମାନ ମିଳିଥାଏ, ତାହା ଆମ ଦେଶରେ ମିଳେନାହିଁ ବୋଲି ଅଭିଯୋଗ ହୋଇଥାଏ। ଏହା ଅମୂଳକ ମଧ୍ୟ ନୁହେଁ। ଅନ୍ୟ ପକ୍ଷରେ ବ୍ରିଟିଶ ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତ ଓ ଭାରତୀୟଙ୍କୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଅଧିକାଂଶ ବିଶ୍ୱବିଦ୍ୟାଳୟ ଇଣ୍ଡିଆ ସେଣ୍ଟର୍ ସ୍ଥାପନ କରିଛନ୍ତି। ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ଖୁସିର କଥା; ମାତ୍ର ଅନ୍ୟ ଦୃଷ୍ଟିରୁ ଦେଖିଲେ ଏହି ଶିକ୍ଷକ ପଳାୟନ ଆମ ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ଯେଉଁମାନେ ସେଠାକାର ବଡ଼ବଡ଼ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି, ସେମାନେ ନିଜନିଜ କ୍ଷେତ୍ରରେ ବେଶ୍ ଦକ୍ଷ ଓ ପ୍ରସିଦ୍ଧ। ସେହି ଶିକ୍ଷକମାନଙ୍କର ବୌଦ୍ଧିକ ଶକ୍ତିର ଲାଭ ବିଦେଶୀ ଲୋକଙ୍କୁ ମିଳୁଥିବାବେଳେ ଆମ ପିଲା ସେଥିରୁ ବଞ୍ଚିତ ହେଉଛନ୍ତି। ଆମେ ସମସ୍ତେ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଭଲ ଶିକ୍ଷକ ନଥିବା ସବୁବେଳେ ଅଭିଯୋଗ କରିଆସୁଛୁ; ମାତ୍ର ଆମ ଦେଶର ଭଲ ଶିକ୍ଷକ ଯେ ଅନ୍ୟ ଦେଶକୁ ଯାଇ ଶିକ୍ଷା ଦେଉଛନ୍ତି ସେଥିପ୍ରତି ଆଦୌ ନଜର ନାହିଁ। ଏହା ଏକ ବଡ଼ ବିଡ଼ମ୍ବନା ନୁହେଁ କି ? ଆମ ଏଠାକାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣାର ମାନ ଅତି ନିମ୍ନମାନର ବୋଲି ଅପବାଦ ରହିଛି; ତଥାପି ତା'ରି ଭିତରୁ ଯେଉଁମାନେ ପ୍ରତିଭାବାନ ଗବେଷକ ସେମାନେ ନିଜନିଜ ପ୍ରଚେଷ୍ଟାରେ ନୂତନ ଗବେଷଣାମାନ କରୁଛନ୍ତି ଓ ଅଧ୍ୟାପନା କ୍ଷେତ୍ରରେ ମଧ୍ୟ ଯଶ ଅର୍ଜୁଛନ୍ତି। ସେମାନଙ୍କୁ ଉଚିତ ସମ୍ମାନ ଦେବାପାଇଁ ଆମ ସରକାର ବିଫଳ ହୋଇଛନ୍ତି। ବ୍ରିଟେନକୁ ଶିକ୍ଷକ ପଳାୟନ ତା'ର ଏକ ବଡ଼ ଦୃଷ୍ଟାନ୍ତ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶକୁ ଏକ 'ଜ୍ଞାନଶକ୍ତିର ଭଣ୍ଡାର' ଭାବେ ବିକଶିତ କରିବେ ବୋଲି ବାରମ୍ବାର କହିଚାଲିଛନ୍ତି; ମାତ୍ର ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱୟଂଶାସନ କ୍ଷମତାକୁ ଅପହରଣ କରି ଯେପରି ସେଗୁଡ଼ିକୁ ଆପଣା ଇଚ୍ଛାରେ ପରିଚାଳିତ କରିବାକୁ ଚେଷ୍ଟା କରୁଛନ୍ତି, ତାହା ସେଗୁଡ଼ିକୁ ଆହୁରି ହୀନବଳ କରିଦେଉଛି। ସରକାର ନୂଆନୂଆ ଆଇଆଇଟି ଖୋଲିବା ପାଇଁ ଘୋଷଣା କରୁଛନ୍ତି, ମାତ୍ର ଆବଶ୍ୟକ ଭିତ୍ତିଭୂମି ନାହିଁ କି ଶିକ୍ଷକ ନାହାନ୍ତି। ଆମ ରାଜ୍ୟ ସମେତ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଳ୍ପ କେତେକ ଶିକ୍ଷକଙ୍କୁ ନେଇ କାମଚଳା ଅଧ୍ୟାପନା ହିଁ କରାଯାଇଥାଏ। ଅଧ୍ୟାପକ ନିଯୁକ୍ତିରେ ପ୍ରିୟାପ୍ରୀତିତୋଷଣ, ଏପରିକି ଉତ୍କୋଚ ଦିଆନିଆର ଖବର ମଧ୍ୟ ଆସିଥାଏ। ଏପରି ବାତାବରଣ ଭିତରେ ଶିକ୍ଷା ଓ ଶିକ୍ଷକର ମାନ କ'ଣ ହେବ, ତାହା ସହଜେ ଅନୁମେୟ। ଯଦି ଆମେ ଦେଶରେ ଉଚ୍ଚଶିକ୍ଷାର ସ୍ତରକୁ ଉନ୍ନତ କରିବାକୁ ଚାହୁଁଛୁ, ତେବେ ଆମ ଦେଶର ପ୍ରତିଭାବାନ ଯୁବ-ଗବେଷକ ଓ ଅଧ୍ୟାପକମାନେ ଯେପରି ଦେଶଛାଡ଼ି ବାହାରକୁ ଯିବେ ନାହିଁ, ତା'ର ବ୍ୟବସ୍ଥା କରିବାକୁ ହେବ। ଆମକୁ ଏପରି ବାତାବରଣ ତିଆରି କରିବାକୁ ହେବ, ଯାହା ଅନ୍ୟ ଦେଶର ଶିକ୍ଷାର୍ଥୀ, ଗବେଷକ ଓ ଶିକ୍ଷକମାନଙ୍କୁ ଆକର୍ଷିତ କରିବ। ଏଥିପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ସରକାର ଆଉକିଛି ଅଧିକ ପୁଞ୍ଜି ବିନିଯୋଗ କରିବା ସହ ଅନାବଶ୍ୟକ ସରକାରୀ ହସ୍ତକ୍ଷେପକୁ ବନ୍ଦ କରିବାକୁ ପଡ଼ିବ। କୌଣସି ପରିସ୍ଥିତିରେ ମଧ୍ୟ ବିଶ୍ୱବିଦ୍ୟାଳୟରେ ହିଂସାତ୍ମକ ବାତାବରଣ ସୃଷ୍ଟି କରିବାର ହୀନ ଉଦ୍ୟମ ନ ହେଉ।

## ଆଜିର ଅନୁଚିନ୍ତା

**ପାର୍ଥିବ ନୟନକୁ ବନ୍ଦ ନ କଲେ, ଅପାର୍ଥିବ ନୟନ ଫିଟିବ କିପରି ?**

# ଦୁର୍ବାସା ଓ କନ୍ଦଳୀ

ଔର୍ବ ନାମରେ ଜଣେ ଋଷି ଥିଲେ। ତାଙ୍କ ଜାନୁରୁ ଏକ କନ୍ୟା ଉଦ୍ଭବ କରିଥିଲେ। ସେହି କନ୍ୟାର ନାମ କନ୍ଦଳୀ। ସେ ଖୁବ୍ କନ୍ଦଳପ୍ରିୟ ଥିଲେ। ପ୍ରତିଦିନ ଝଗଡ଼ା କରିବାରେ କନ୍ଦଳୀ ଆନନ୍ଦ ପାଉଥିଲେ। କନ୍ଦଳୀର ବିବାହ ବୟସ ହେଲା। ବରପାତ୍ର ଭାବରେ ଅତ୍ରିମୁନିଙ୍କ ପୁତ୍ର ଦୁର୍ବାସାଙ୍କୁ ମନୋନୟନ କରାଗଲା। ଉପଯୁକ୍ତ ସମୟ ଏବଂ ମର୍ଯ୍ୟାଦାର ସହିତ ଦୁର୍ବାସାଙ୍କୁ ବିବାହ କଲେ କନ୍ଦଳୀ। କନ୍ୟାଦାନ କରି ଔର୍ବ ଦୁର୍ବାସାଙ୍କୁ କହିଲେ-'ମୋ କନ୍ୟା ଅତି ଅଲୀଅଳି। କେତେବେଳେ କ'ଣ କହିଦେଇପାରେ। ତେଣୁ ତୁମକୁ ଅନୁରୋଧ କରୁଛି ମୋ କନ୍ୟାର ଏକଶତ ଅପରାଧ କ୍ଷମା କରିବ।' ବୈବାହିକ ଜୀବନର ସବୁଠାରୁ ବଡ଼ ବିପଦ ହେଉଚି ବାକ୍ୟର ଅପପ୍ରୟୋଗ। ଆଜି ସମାଜରେ ଦମ୍ପତିଙ୍କ ଭିତରେ ବୁଝାମଣାର ଅଭାବ ହେବାର ମୁଖ୍ୟ କାରଣ ହେଉଛି ବାକ୍ୟର ଦୁରୁପଯୋଗ। କେଉଁଠି ପତିର କଟୁ କଥାରେ ପତ୍ନୀ ଛାଡ଼ି ଯାଉଛି। ପୁଣି କେଉଁଠି ପତ୍ନୀର କଟୁକଥାରେ ପରିବାର ଭାଙ୍ଗିଯାଉଛି। ପରମାତ୍ମା ଆମକୁ କଥାକହିବାର ସାମର୍ଥ୍ୟ ଦେଇଛନ୍ତି। ସମସ୍ତଙ୍କୁ କଟୁକଥା କହିବା ଦ୍ୱାରା ପରମାତ୍ମାଙ୍କୁ ଅବମାନନା କରାଯାଏ। ତେଣୁ ସେ ଅସନ୍ତୁଷ୍ଟ ହୋଇ କଥାକହିବାର କ୍ଷମତାଟି ଛଡ଼େଇ ନିଅନ୍ତି। ସେହିପରି ଦୁର୍ବାସା ପ୍ରଥମେ ପତ୍ନୀ କନ୍ଦଳୀଙ୍କର ଶତାଧିକ କଟୁବାକ୍ୟ ସହିଲେ। ଦିନେ ଅସହ୍ୟ ହେବାରୁ ଅତ୍ୟନ୍ତ ରାଗିଯାଇ କନ୍ଦଳୀଙ୍କୁ ଭସ୍ମ କରିଦେଲେ। ଭଗବାନ ବିଷ୍ଣୁ ଜାଣିଲେ ଔର୍ବମୁନି ନିଜ କନ୍ୟା ଭସ୍ମ ହେବା ବିଷୟରେ ଜାଣିଲେ ଖୁବ୍ ଅସୁବିଧା ହେବ। ତେଣୁ ବିଷ୍ଣୁ ବ୍ରାହ୍ମଣ ବେଶରେ ଆସି ଦୁର୍ବାସାଙ୍କୁ କହିଲେ- 'ତୁମେ ଏବେ ତପସ୍ୟା କର।' ଅନ୍ୟ ପକ୍ଷରେ ମହାମୁନି ଔର୍ବ ଧ୍ୟାନ ବଳରେ କନ୍ୟାର ଦୁର୍ଦ୍ଦଶା ଜାଣିପାରିଲେ। କ୍ରୋଧରେ ପ୍ରଜ୍ୱଳିତ ହୋଇ ଦୁର୍ବାସାଙ୍କୁ କହିଲେ-'ତୁମେ କନ୍ୟାର ସାମାନ୍ୟ ଦୋଷରେ ତାକୁ ଭସ୍ମୀଭୂତ କରିଛ। ତେଣୁ ତୁମକୁ ଅଭିଶାପ ଦେଉଛି, ତୁମେ ଯେତେ ବଡ଼ ତପସ୍ୱୀ ହେଲେ ମଧ୍ୟ ଜଣେ ସାଧାରଣ ମଣିଷ ଦ୍ୱାରା ଅପମାନିତ ହେବ।' ଯାହାଫଳରେ ଭକ୍ତ ଅମ୍ବରୀଷଙ୍କ ଉପରେ ଦୁର୍ବାସା କ୍ରୋଧ କରି ଭଗବାନ ବିଷ୍ଣୁଙ୍କ ଦ୍ୱାରା ଅପମାନିତ ହୋଇଥିଲେ। ଜୀବନରେ କ୍ରୋଧାତୁର ହେଲେ ମଣିଷର ବାକ୍ୟ କଠୋର ହୋଇଯାଏ। କଟୁ ବାକ୍ୟ ଦ୍ୱାରା ବନ୍ଧୁପଣ କଟିଯାଏ। ତେଣୁ ଭାଗବତରେ କୁହାଯାଇଛି- ***''ମଧୁର ବିନୟ ବଚନ। କହି ତୋଷିବ ପ୍ରାଣୀମନ।।''*** ଆମ ଜୀବନର ବହିକୁ ପଢ଼ିଲେ ଦେଖାଯିବ ଅନେକ ଲୋକ ଅଛେ, ମଧୁର କଥା ଯେତିକି କହିଥିବା, ତା'ଠାରୁ ଅଧିକ କଟୁକଥା କହିଥିବା। ଅନ୍ୟକୁ ଯେତିକି ଆଦର କରିଥିବା, ତା'ଠାରୁ ଅଧିକ ଲୋକଙ୍କୁ କଟୁକଥା କହି ଆଘାତ ଦେଇଥିବା। ପୁରାଣର ଦୁର୍ବାସା ଓ କନ୍ଦଳୀଙ୍କ ଚରିତ୍ର ପ୍ରତୀକମାତ୍ର। ଏ ଚରିତ୍ର ଦୁଇଟି ଆମକୁ କହନ୍ତି- ଯଦି ମିଠା କଥା କହି ନପାରୁଛ, ଚୁପ୍ ରହିଯିବା ଭଲ। କଟୁକଥା କହି କାହାର ମନକୁ ଭାଙ୍ଗନାହିଁ କି ଘରକୁ ଭାଙ୍ଗନାହିଁ। କାହାକୁ ଭଲ ନ ପାଇ ପାରିଲେ ସ୍ଥିର ରହିଯାଅ ପଛେ କ୍ରୋଧକରି ଅନ୍ୟର କ୍ଷତି କରି ନିଜର କ୍ଷତି ପହଞ୍ଚାଅ ନାହିଁ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।**

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଉତ୍ତରାଖଣ୍ଡରେ...

## ମନମୋହନ ଚୌଧୁରୀଙ୍କ ଆତ୍ମକଥା
## କସ୍ତୁରୀ ମୃଗ ସମ

ମାଝିରେ ମଝିରେ ବାଟୋଇ ଗାଁଉଲି ଲୋକ ଭେଟ ହେଉଛନ୍ତି। ସେମାନେ କୌଣସି କିଛିକୁ ଖାତିର ନ କରି ସଡ଼୍ ସଡ଼୍ ହେଇ ଚାଲିଯାଉଛନ୍ତି। ଝିଅ ବାପଘରକୁ କି ଶାଶୁଘରକୁ ଯାଉଛି। ବର୍ଷକିଆ ପିଲାକୁ କାଖେଇ ସେମିତି ବେପରୱା ଭାବରେ ଧାଇଁଚାଲିଛି।, ଗୋଡ଼ରେ ରବର କେଡ୍‌ସ ଜୋତା, ତା' ଉପରେ ମଲ ! ଠାଏ ଠାଏ ରାସ୍ତା ଏକାବେଳକେ କାନ୍ଥଭଳି ଖାଡ଼ା ପାହାଡ଼ କାନ୍ଥିରେ। ଗୋଟାଏ ପାଖରେ ସିଧା କାନ୍ଥ ଭଳି ପାହାଡ଼ ତ' ଆର ପାଖରେ ଏକାବେଳକେ ତିନି ଶହ, ପାଞ୍ଚ ଫୁଟର ସିଧା ଖାତ, ଉଚ୍ଚ କୋଠାର କାର୍ନିସ ଉପରେ ଚାଲିବା ଭଳି ଅବସ୍ଥା। ଅଧେ ବାଟ ଚଢ଼ି ପିଠିରୁ ବୋଝ ଉତାରି ରାସ୍ତା କଡ଼ରେ ଦଶ ପନ୍ଦର ମିନିଟ ଲମ୍ବ ଲମ୍ବ ହେଇ ଶୋଇଯାଉ। ପାହାଡ଼ର କନକନିଆ ଥଣ୍ଡା ପବନରେ କ୍ଳାନ୍ତି ଶୀଘ୍ର ଦୂର ହେଇଯାଏ। ପୁଣି ଚାଲିବା ଆରମ୍ଭ କରୁ।

ରହଣି ଗାଁରେ ଉପରଓଳି ସଭା ହୁଏ। ପାଖଆଖରୁ ଦୁଇ ଚାରି ଖଣ୍ଡ ଗାଁର ଲୋକ ବି ଆସନ୍ତି। ଗ୍ରାମଦାନ କଥା ଲୋକଙ୍କୁ ବୁଝାଉଥାଉ। ଜମି ତ' ସାମାନ୍ୟ, ମାତ୍ର ଗ୍ରାମଦାନ ମଧ୍ୟମରେ ସଂହତି ଓ ଶକ୍ତି କଥାଟା ଲୋକେ ବୁଝୁଥା'ନ୍ତି ଓ ଖଣ୍ଡେ ଅଧେ ଲେଖା ଗ୍ରାମଦାନ ହେଉଥାଏ। କ୍ରମେ ଏ ଅଞ୍ଚଳରେ ଚମତ୍କାର ଜନସଂଗଠନ ଗଢ଼ିଉଠିଲା ଓ ନିଶାନିବାରଣ ତଥା ଜଙ୍ଗଲ ସମ୍ପଦ ରକ୍ଷା ପାଇଁ ଦୁଇଟା ବଡ଼ ବଡ଼ ସଫଳ ସତ୍ୟାଗ୍ରହ ମଧ୍ୟ କେତେ ବର୍ଷ ପରେ ଏଠି ହେଇଯାଇଛି।

ଦିନେ ଦିନେ କାହାରି ଦାଣ୍ଡଘରେ, ଦିନେ ଦିନେ ଗାଁ ସ୍କୁଲରେ ରହଣି ହୁଏ। ଏଠି ଶୀତ ଯୋଗୁଁ ଲୋକେ ଘର ଭିତରେ ନିଆଁ ଜାଳି ଶୋଇବାକୁ ଅଭ୍ୟସ୍ତ। ଚୀଡ଼ କାଠ ଜଳିଲେ ବେଶ୍ ସୁଗନ୍ଧ ବାହାରେ, ମାତ୍ର ଘର ଭିତର ଧୂଆଁରେ ଭର୍ତ୍ତି ହେଇଯାଏ। ଚଟାଣରୁ ଫୁଟେ ଖଣ୍ଡେ ଉଚ୍ଚତା ଭିତରେ ହିଁ ସ୍ୱସ୍ତିରେ ନିଃଶ୍ୱାସ ନେଇହୁଏ। ସେଥିପାଇଁ ସନ୍ଧ୍ୟାରୁ ଶୋଇରହିବା ଛଡ଼ା ଗତି ନାହିଁ। ବସିବାର ଉପାୟ ନାହିଁ। କମ୍ବଳକୁ ଦୁଇ ପରସ୍ତ କରି ଗୁଡ଼େଇ ଥଳିପରି କରି ତା' ଭିତରେ ପଶିଯାଉ। ଏହାଦ୍ୱାରା ଦୁଇଟା କମ୍ବଳ ଚାରିଟାର କାମ ଦିଏ। ଦିନେ ଗୋଟାଏ ସ୍କୁଲ୍‌ରେ ପହଞ୍ଚି ଦେଖିଲୁ ସେଥିରେ ତ' କବାଟ ଝରକା ଅନେକ, କିନ୍ତୁ କେଉଁଥିରେ ପାଲ ନାହିଁ। କୌଣସିମତେ ପିଲାଙ୍କ ବସିବା ଚଟେଇ ଓ ସିଲଟ ପଥର ଦେଇ ସେ ସବୁକୁ ଆବୃତ୍ତ କରି ରାତି କଟେଇଲୁ।

ଆଉଦିନେ ଦୂରତ୍ୱଟାର ଅନ୍ଦାଜ ଭୁଲ ହେଇଗଲା। ଛଅ ସାତ ମାଇଲ ପରିବର୍ତ୍ତେ ବାର ତେର ମାଇଲ ବାଟ ପଡ଼ିଗଲା। ସେ ଦିନ ବାହାରିଥିଲୁ ଟିକିଏ ଡେରିରେ। ତା' ଭିତରେ ଠାଏ ଦୁଇ ଅଢ଼େଇ ହଜାର ଫୁଟ ଚଢ଼ା ପୁଣି ତିନି ଚାରି ହଜାର ଫୁଟ ଉତୁରା ପଡ଼ିଲା। ଠାଏ ଠାଏ ଖାଡ଼ା ପାହାଡ଼ କାନ୍ଥିରେ ରାସ୍ତାର ପାଖକେ ହଜାରେ ଫୁଟର ଖାତ ତ' ଆଉପଟେ ଖାଡ଼ା କାନ୍ଥ। ଟିକିଏ ଗୋଡ଼ ଖସିଲେ ଖତମ। ଗାୟତ୍ରୀଭାଇର କାନ୍ଧଝୁଲା ମୁଣିଟା ହଠାତ୍ ପାହାଡ଼ କାନ୍ଥିରେ ଗୋଟାଏ ପଥରରେ ବାଜି ସେ ଟଳମଳ ହେଇଗଲେ। ମାତ୍ର କୌଣସି ପ୍ରକାର ଟାଳ ସମ୍ଭାଳି ରହିଗଲେ। ଠାଏ ଘାସ କଟାଳିଙ୍କର ଚଲାବାଟ ପଡ଼ିଲା। ଅଳ୍ପ କାରବାର ବାଟ, ଶୁଖିଲା ଘାସରେ ଢଙ୍କା। ତା' ଉପରେ ଗୋଡ଼ ଖସୁଥାଏ। ଗୋଡ଼ ଚିପି ଚିପି ଚାଲିବାକୁ ପଡୁଥାଏ। ଶେଷରେ ଜାଗାଏ ପଡ଼ିଲା ଏକ କାନ୍ଥ ଭଳି ଖାଡ଼ା ପଥର, ପାଞ୍ଚ ଛ' ହାତ ଉଚ୍ଚ ହେବ। ତା' ତଳକୁ ଓହ୍ଲାଇବାକୁ ହେବ। ତା'ର ଗୋଟାଏ ପାଖରେ ପାହାଡ଼ କାନ୍ଥ, ଆରପଟେ ଚାରିଶହ ଫୁଟ ଗହୀର ସିଧା ଖାତ। ଖସିପଡ଼ିଲେ ହାତଗୋଡ଼ର ପତ୍ତା ରହିବ ନାହିଁ। ସୁନ୍ଦରଲାଲ ହେରିକା ତ' ଟପାଟପ୍ ଡେଇଁପଡ଼ି ଓହ୍ଲେଇଗଲେ। ଏ ବ୍ୟାପାର ଦେଖି ସେତେବେଳକୁ ଆମେ ତଳହଟିବାଲାଙ୍କର ଗୋଡ଼ ଥରହର ହେଲାଣି। ମୁହଁ ଫିକା ପଡ଼ିଲାଣି। ତଥାପି ତ' ଆଗେଇବାକୁ ହେବ। ମୋ' ଅଣ୍ଟାରେ ଗୋଟାଏ ଗାମୁଛା ବାନ୍ଧି ଜଣେ ପଛରୁ ଟାଣି ଧରିଲେ। ତଳବାଲା ପଥର କାନ୍ଥିରେ ହାତଭରା ଦେଇ ଗୋଟାଏ ପାହାଞ୍ଚ କଲେ। ମୁଁ ତା'ରି ଆଶ୍ରାରେ ତଳକୁ ଓହ୍ଲାଇଲି, ଗାୟତ୍ରୀଭାଇ ବି ସେମିତି। ଆହୁରି ଦୁଇ ତିନି ମାଇଲ ଚାଲି ଗାଁରେ ପହଞ୍ଚିବାବେଳକୁ ସନ୍ଧ୍ୟା ସାତଟା ବାଜିଗଲା। ସେଠି ପହଞ୍ଚି ଦେଖିଲୁ ଯେ ଆମ କମ୍ବଳ ଆଦି ନେଇ ଘଣ୍ଟାକ ଆଗରୁ ବାହାରିଥିବା ଲୋକଟି ପହଞ୍ଚିନାହିଁ। ସର୍ବନାଶ ! ରାତିରେ ପ୍ରଚଣ୍ଡ ଶୀତରେ କରିବା କ'ଣ ? ସେ ଆଉ କ'ଣ ଏତେ ରାତିରେ ବାଟ ପାଇବ ଯେ ଆସି ପହଞ୍ଚିବ ? ନିଆଁଜାଳି ଶୀତ କଟେଇବା ଆୟୋଜନ ହେଲାବେଳକୁ ସେ ଆସି ଅନେକ ସମୟ ପରେ ପହଞ୍ଚିଲା। ସେ ବାଟ ଭୁଲି ଅନ୍ୟଆଡ଼େ ଚାଲିଯାଇଥିଲା, ତେଣୁ ଏତେ ଡେରି। ଯାହାହେଉ ସେ ଦିନ ଆମେ ପାର୍ବତ୍ୟ ଅଞ୍ଚଳର କଠିନତମ ପରୀକ୍ଷାରେ ପାସ୍ ହେଇଗଲୁ। ***(କ୍ରମଶଃ...)***

# ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଦର୍ଶନ ଓ ନାମ ସଂକୀର୍ତ୍ତନ

**ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ**





ପରମ ଯୋଗୀ, ଜ୍ଞାନୀ, ପରମ ତାନ୍ତ୍ରିକ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଦର୍ଶନ ହେଉଛି-ଶଙ୍କରଙ୍କର ମତ ଓ ଗୌରାଙ୍ଗଙ୍କର ପଥ। ଶଙ୍କରଙ୍କ ମତ ହେଉଛି ବିଶ୍ଳେଷଣର ମାର୍ଗ। ଅର୍ଥାତ୍ ବିଶ୍ଳେଷଣ କରି କରି ଭଗବାନଙ୍କୁ ଜାଣିବା। ଚୈତନ୍ୟଙ୍କ ପଥ ହେଉଛି ସଂଶ୍ଳେଷଣ ମାର୍ଗରେ ଭଗବାନଙ୍କୁ ଚିହ୍ନିବା। ଗୌରାଙ୍ଗଙ୍କର ପଥ ହେଉଛି- ଭକ୍ତିଭାବର ପଥ। ଭଗବନାଙ୍କୁ ଲାଭ କରିବା ନିମିତ୍ତ ସ୍ୱୟଂ ଭଗବାନ ନରରୂପ ଧାରଣ କରି ନିଜେ ଆଚରଣ କରିବା ପୂର୍ବକ ଶିକ୍ଷାଦେବେ କିପରି ତାଙ୍କୁ (ଭଗବାନଙ୍କୁ) ପାଇହେବ। ସେଥିପାଇଁ ଚୈତନ୍ୟ ଚରିତାମୃତରେ କୁହାଯାଇଛି- ଆପନେ ନା କୈଲେ ଶିଖାନା ପାୟ। ଏଇତ ସିଦ୍ଧାନ୍ତ ଗୀତା ଭାଗବତେ ଗାୟ।। ଅନ୍ୟକୁ ଶିକ୍ଷା ଦେବାକୁ ହେଲେ ସର୍ବପ୍ରଥମେ ନିଜେ ଆଚରଣ କରିବା ଦରକାର। ତେଣୁ ସ୍ୱୟଂ ଭଗବାନ ହିଁ ଶ୍ରୀଗୌରାଙ୍ଗ ରୂପରେ ଅବତୀର୍ଣ୍ଣ ହେଲେ। ଗୌରାଙ୍ଗଙ୍କ ପଥର ବିଶେଷତ୍ୱ ଏବଂ ତାଙ୍କ ଆବିର୍ଭାବର ବିଶେଷ ମାହାତ୍ମ୍ୟ ହେଉଛି- ନାଜାନି ରାଧାର ପ୍ରେମେ ଆଛେ କତ ବଳ। ଯେ ବଳେ ଆମାରେ କରେ ସର୍ବଦା ବିହ୍ୱଳ। ରାଧିକାର ପ୍ରେମ ଗୁରୁ ଆମିଶିଷ୍ୟ ନଟ, ସଦା ଆମାୟ ନାନା ରୂପେ ନାଚୟ ଉଭଟ, (ଚୈତନ୍ୟ ଚରିତାମୃତ)

ଭଗବାନ ଭକ୍ତର ପ୍ରେମାଧିନ। ପ୍ରେମ ନିକଟରେ ଭଗବାନଙ୍କୁ ହାର ମାନିବାକୁ ହୋଇଛି। ରାଧିକା ତାଙ୍କର ପ୍ରେମର ଗୁରୁ। ପ୍ରେମର ବିଷୟ ହେଉଛନ୍ତି ସ୍ୱୟଂ ଭଗବାନ କିନ୍ତୁ ପରମ ଆଶ୍ରୟ ହେଲେ ଭକ୍ତ ଶ୍ରୀରାଧିକା। ଭଗବାନଙ୍କୁ ଭଲପାଇ ଶ୍ରୀରାଧିକାଙ୍କର ଯେଉଁ ଦିବ୍ୟ ସୁଖ ଅନୁଭୂତ ହୁଏ, ଜଣେ ଯଦି ଶ୍ରୀରାଧାଙ୍କ ଅବସ୍ଥାକୁ ନ ଆସିବ ତେବେ ସେହି ଅନୁଭୂତି କିପରି ହୃଦୟଙ୍ଗମ କରିବ ! ତେଣୁ ଭଗବାନ ସ୍ୱୟଂ ସିଦ୍ଧାନ୍ତରେ ଉପନୀତ ହୋଇ କହିଛନ୍ତି- କତୁନାଦି ଏଇ ପ୍ରେମାର ହଇବୁ ଆଶ୍ରୟ, ତେବେ ଏଇ ପ୍ରେମାନନ୍ଦେର ଅନୁଭାବ ହୟ।। ଆଶ୍ରୟ ଜାତୀୟ ସୁଖାନୁଭୂତି ନିମିତ୍ତ ଜୀବ ସହ ଲୀଳାକରିବା ପାଇଁ ଭଗବାନ ସ୍ୱୟଂ ଭକ୍ତରୂପ ନିଅନ୍ତି। ଭକ୍ତିଭାବ ଅଙ୍ଗୀକାର କରିବା ହିଁ ଗୌରାଙ୍ଗଙ୍କର ପଥ। ଭଗବାନଙ୍କୁ ପାଇବାର ପଥ ସ୍ୱୟଂ ଭଗବାନ ନଦେଖାଇଲେ ହତଭାଗ୍ୟ ଜୀବ କିପରି ଉଦ୍ଧାର ହେବ ! ଭକ୍ତି ପଥରେ ଭଗବନାଙ୍କୁ ଲାଭ କରିବା ହେଲା ଗୌରାଙ୍ଗଙ୍କ ପଥ। ଏହି ପଥ ମହାପ୍ରଭୁ ସ୍ୱୟଂ ଆଚରଣ କରି ଦେଖାଇଯାଇଛନ୍ତି। ଭକ୍ତର ପ୍ରାଣରେ ଭଗବାନଙ୍କ ଦର୍ଶନ ନିମିତ୍ତ ଅତ୍ୟନ୍ତ ବ୍ୟାକୁଳତା ଜାଗ୍ରତ ହୁଏ। 'ସଖୀ ହେ, ଗୋପାଳ କୃଷ୍ଣ କରାଓ ଦରଶନ, କ୍ଷଣକେ ଯାଁହାର ମୁଖ ନାଦେଖିଲେ, ଫାଟେ ବୁକୁ ଶୀଘ୍ର ଦେଖାଓ ନା ରହେ ଜୀବନ। ହାହା ସଖି କି କରି ଉପାୟ, କହାଁ କରୋ ଅହାଁ ଯାଉଁ, କୃଷ୍ଣ ବିନୁ ପ୍ରାଣ ମୋର ଯାୟ।' ଗୌରାଙ୍ଗଙ୍କ ପଥରେ ଏହି ବିରହଉନ୍ମାଦନା ଅବସ୍ଥା ଫୁଟିଉଠେ। ତାଙ୍କୁ ଲାଭ ନକଲେ ତାହା ଅଭିଶପ୍ତ ଜୀବନ ହେବ।

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଗୌରାଙ୍ଗଙ୍କର ପଥକୁ ହିଁ ଆଦର୍ଶ ପଥରୂପେ ମାନିନେଇଥିଲେ। ଗୌରାଙ୍ଗଙ୍କର ପଥ ଭୋଗ ବିଳାସର ପଥ ନୁହେଁ। କ୍ଷୁରଧାରର ପଥ। ସମ ମନସ୍କ ସଦା ଶୁଚି ଅବସ୍ଥାରେ ଚଳିପାରିଲେ ଭଗବାନଙ୍କ ବିରହ ଜାଗେ। ଗୌରାଙ୍ଗଙ୍କ ପଥରେ ବିରହ ବ୍ୟାକୁଳତା ପରେ ଭଗବତ୍ କୃପା ବା ଗୁରୁକୃପା ଲାଭ ହୋଇଥାଏ। ପୁଲକ, ଅଶ୍ରୁ, ସ୍ୱେଦ, କମ୍ପନ, ଉଦ୍ଦୀପନା, ପ୍ରଭୃତି ବିରହ ଭାବ। ସ୍ୱୟଂ ଗୌରାଙ୍ଗଦେବ ନାମ ନେବା ସମୟରେ ତାଙ୍କର ବାହ୍ୟ ଦଶା, ଅର୍ଦ୍ଧବାହ୍ୟଦଶା ଓ ଅନ୍ତର୍ଦଶା ହେଉଥିଲା। ଭକ୍ତି ପଥରେ ପ୍ରଥମେ ଚିତ୍ତ ମଳ ବିଦୂରିତ ହେବ। ପରେ ଚିତ୍ତ ଦର୍ପଣ ମାର୍ଜିତ ହେବା ଆବଶ୍ୟକ। ଭକ୍ତିପଥରେ ଚକ୍ଷୁର ଜଳ ଚିତ୍ତର ମଳ ଦୂର କରିବାରେ ସମର୍ଥ ହୁଏ। ଭଗବନ୍ନାମ କରିବା ଦ୍ୱାରା ପାପ ବିଦୂରିତ ହୁଏ। ନାମର ମହିମା ଅପାର। ନାମ ଭକ୍ତି ପଥରେ ଯେପରି ପ୍ରୟୋଜନ, ଜ୍ଞାନ ପଥରେ ସେହିପରି ଅତ୍ୟାବଶ୍ୟକ। ଜ୍ଞାନୀ ସନ୍ଥମାନେ ମହାବାକ୍ୟର ସ୍ମରଣ ମନନ କରିଥା'ନ୍ତି। ଚିତ୍ତ ଶୁଦ୍ଧି ସକଳ ମତ ଓ ପଥର ସ୍ୱୀକୃତ ସାଧନ ପଥ। ଚିତ୍ତ ଶୁଦ୍ଧିର ତାରତମ୍ୟରେ ଇଷ୍ଟଲାଭ ହୋଇଥାଏ। କୃଷ୍ଣ ପ୍ରେମ ନିତ୍ୟସିଦ୍ଧ, ଏହା ଯେପରି ଭକ୍ତି ସିଦ୍ଧାନ୍ତ, ସେହିପରି ବେଦାନ୍ତ ସିଦ୍ଧାନ୍ତ ମଧ୍ୟ। 'ଗୁରୁକୃଷ୍ଣ ଏକ ବୋଲି ଜାଣ, ଯେଇ ଗୁରୁ ସେହି କୃଷ୍ଣ , ଜୀବେର ନିସ୍ତାର ଲାଗି ନନ୍ଦସୁତ ହରି, ଆପନି ଅବତାର ହନ ଗୁରୁରୂପ ଧରି' ଠାକୁର ନିଗମାନନ୍ଦ କହିଛନ୍ତି ତେଣୁ କୃଷ୍ଣଙ୍କ ସ୍ଥାନରେ ଗୁରୁଙ୍କୁ ସ୍ଥାପନ କରିଜାଣ। କାରଣ ଉଭୟେ ଶଙ୍କର ଓ ଗୌରାଙ୍ଗ ଗୁରୁବନ୍ଦନା କରନ୍ତି। ଶଙ୍କରଙ୍କ ମତରେ-'ଯାବତ ଆୟୁ ସ୍ତ୍ୱୟୋ ବନ୍ଦ୍ୟୋ ବେଦାନ୍ତ ଗୁରୁ ଈଶ୍ୱର।' 'ସର୍ବବେଦାନ୍ତ ସିଦ୍ଧାନ୍ତ ଗୋଚର ତମ ଗୋଚର ଗୋବିନ୍ଦ ପରମାନନ୍ଦ ତସ୍ମୈଶ୍ରୀ ଗୁରବେ ନମଃ।' ତେଣୁ ଗୁରୁ ଗୋବିନ୍ଦ ଗାନ ଓ ପରମାନନ୍ଦ ଭଜନ ଅଭିନ୍ନ। ସେହିପରି ଚୈତନ୍ୟଙ୍କ ପଥରେ ଗୁରୁ ଏବଂ କୃଷ୍ଣ ଏକ। ତେଣୁ କଳିହତ ମାନବର ଉଦ୍ଧାର ନିମିତ୍ତ ପ୍ରଭୁ ସ୍ୱୟଂ କିପରି ନାମ କରିଥିଲେ ତାହାର ଦୃଷ୍ଟାନ୍ତ ହେଉଛି- ନୟନଂ ଗଳଦାଶ୍ରୁ ଧାରୟା, ବଦନଂ ଗଦ୍‌ଗଦ୍ ରୁଦ୍ଧୟାଗିରା ପୁଲକୈନଚିତ୍ଂ ବପୂ କଦା ତବ ନାମ ଗ୍ରହଣେ ଭବିଷ୍ୟତି।' ହେ ଭଗବାନ, ଆପଣଙ୍କର ନାମ ଗ୍ରହଣ କରିବା ବେଳେ ମୋର ନୟନ ଦ୍ୱୟ ବିଗଳିତ ଅଶ୍ରୁଧାରାରେ ଆପ୍ଲୁତହେଉ, ମୁଖ ମଣ୍ଡଳ ଗଦ୍ ଗଦ୍ ବାକ୍ୟରେ ରୁଦ୍ଧହେଉ ଏବଂ ପୁଲକାବଳୀରେ ଯେପରି ପରିବ୍ୟାପ୍ତ ହେବ ଏହି ପ୍ରାର୍ଥନା କରେ। ଭକ୍ତି ହେଉଛି ଜୀବର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଶ୍ରୀ ଶ୍ରୀ ଠାକୁର ସ୍ୱହସ୍ତ ଲିଖିତ ପ୍ରେମିକଗୁରୁ ଗ୍ରନ୍ଥରେ ନାମ ସଂକୀର୍ତ୍ତନ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ନାମ ସଂକୀର୍ତ୍ତନ ଦ୍ୱାରା ଚିତ୍ତ ଦର୍ପଣ ମାର୍ଜିତ ହୁଏ। ଚିତ୍ତର ସମସ୍ତ କଳଙ୍କ ଦୂରୀଭୂତ ହୁଏ ଯେଉଁ ବିଷୟ ବାସନା ମହାଦାବାଗ୍ନି ଭଳି ମନୁଷ୍ୟକୁ ନିରନ୍ତର ଦଗ୍ଧ କରୁଛି, ସେହି ବିଷୟ ବାସନା ନିର୍ବାପିତ ହୁଏ। ଚନ୍ଦ୍ରାଲୋକରେ ଯେପରି କୁମୁଦ ଫୁଟିଉଠେ, ସେହିପରି ଭଗବାନଙ୍କ ନାମ ସଂକୀର୍ତ୍ତନରେ ଆତ୍ମା ରୂପକ କୁମୁଦ ପ୍ରସ୍ଫୁଟିତହୁଏ। ନାମ ସଂକୀର୍ତ୍ତନ ଦ୍ୱାରା ମନୁଷ୍ୟ ପ୍ରେମ ରସରେ ମଜ୍ଜିଯାଇ ଆତ୍ମହରା ହୋଇଯାଏ। କ୍ରମାଗତ ଭାବରେ ନାମ ସଂକୀର୍ତ୍ତନ କରିବା ଦ୍ୱାରା ଭକ୍ତିଲାଭ ହେବା ସହିତ ମନୁଷ୍ୟ ପରମ ପଦଲାଭ କରି ତା'ର ଜୀବନକୁ କୃତାର୍ଥକରେ। 'ଯେଇ ନାମ ସେଇ କୃଷ୍ଣ ଭଜ ନିଷ୍ଠା କରି, ନାମେର ସହିତ ଆଛେ ଆପନି ଶ୍ରୀହରି' ଚିତ୍ତ ଶୁଦ୍ଧିର ସାଧନ, ସାଧୁ ସଙ୍ଗ ଓ ନାମ ସଂକୀର୍ତ୍ତନ କରିବା ଦ୍ୱାରା ଆପେ ଆପେ ଭକ୍ତି ଉଦୟ ହୁଏ। ତେଣୁ ଭକ୍ତି, ଭକ୍ତ ଓ ଭଗବାନ ଏକ।

***-ଅଧ୍ୟକ୍ଷ, ଶ୍ରୀ ନିଗମାନନ୍ଦ ଶାନ୍ତିଆଶ୍ରମ, ଚହଟା, ବିଡାନାସୀ, କଟକ, ଦୂରଭାଷ: ୦୬୭୧-୨୫୦୩୧୧୯***

# କେଦାରନାଥ ଦର୍ଶନ

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**





ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ବର୍ଣ୍ଣିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ କେଦାରନାଥ ପବିତ୍ରତମ ଧାମ। ବିଭିନ୍ନ ସ୍ଥାନ ପର୍ଯ୍ୟଟନ ସମୟରେ ଛଅରୁ ଅଧିକ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲାପରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ଇଚ୍ଛା ବଳବତ୍ତର ହେଲା। ଏହା ପ୍ରଭୁ ସଦାଶିବଙ୍କର ଅପାର କରୁଣା ବୋଲି ଧରାଯାଇ ପାରେ। ୨୦୧୩ ପରର ପ୍ରାକୃତିକ ବିପର୍ଯ୍ୟୟ ପରେ କେଦାରନାଥ ଦର୍ଶନ ନେଇ ମନରେ ଦ୍ୱନ୍ଦ ଜାତ ହେଉଥାଏ। ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏହିକଥା ମନରେ ଭାବି କେଦାରନାଥ ଯିବା ପାଇଁ ଦୃଢ଼ ନିଶ୍ଚୟ ହେଲୁ। କେଦାରନାଥ ଓ ବଦ୍ରିନାଥ ଦର୍ଶନ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଗଲା। ହରିଦ୍ୱାର ଠାରୁ ଏକ ଇନୋଭା ଗାଡ଼ିରେ ଆମେ ଛଅ ଜଣ ତୀର୍ଥଯାତ୍ରୀ ଯାତ୍ରା ଆରମ୍ଭ କଲୁ। କିଛି ତୀର୍ଥସ୍ଥଳ ଓ ପର୍ଯ୍ୟଟନ ସ୍ଥଳ ଦୁର୍ଗମ ହୋଇଥିଲେ ମଧ୍ୟ ପର୍ଯ୍ୟଟକଙ୍କୁ ଆସିବାକୁ ପ୍ରବର୍ତ୍ତାଇ ଥାଏ। ଏହାର ଐତିହାସିକ, ପୌରାଣିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମିଶ୍ରଣ ସର୍ବଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଭଳି ଏକ ପବିତ୍ର ସ୍ଥାନ ହେଉଚି ହିମାଳୟର ସୁଉଚ୍ଚ ପର୍ବତ ଶିଖରରେ ଅବସ୍ଥିତ କେଦାରନାଥ। କଥାରେ ଅଛି 'ସର୍ବତ୍ର ପାଣି ପାଦଂ ତତ୍ ସର୍ବତୋକ୍ଷିଶିରୋ ମୁଖମ୍', ଅର୍ଥାତ୍ ସବୁଠାରେ ତାଙ୍କର ହାତ, ପାଦ, ଆଖି, ମୁଣ୍ଡ ଓ ମୁଖ ବିଦ୍ୟମାନ ବା ଜଗତ ବ୍ରହ୍ମମୟ। ତେବେ ଆମେ କାହିଁକି ତୀର୍ଥସ୍ଥାନ ଯାଇ ତାଙ୍କୁ ଖୋଜୁ। ତାହାର କାରଣ ହେଲା ଭକ୍ତମାନଙ୍କ ଆଧ୍ୟାତ୍ମିକ ଉନ୍ନତି ପାଇଁ ଅନୁଷ୍ଠାନର ଆବଶ୍ୟକତା ରହିଛି। ଏସବୁ ପାଇଁ ଭାରତବର୍ଷରେ ଅନେକ ଧର୍ମାନୁଷ୍ଠାନ ବିଦ୍ୟମାନ। ପାଶ୍ଚାତ୍ୟବାସୀ ପାର୍ଥିବ ଫଳ ପାଇଁ ବିଭିନ୍ନ ସ୍ଥାନ ଭ୍ରମଣ କରିବା ବେଳେ ଭାରତୀୟମାନେ ଭଗବତ୍ କୃପା ପାଇଁ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରନ୍ତି। ଉଭୟଙ୍କ ଲକ୍ଷ୍ୟ ଆନନ୍ଦପ୍ରାପ୍ତି।

ଉତ୍ତରାଖଣ୍ଡ ରାଜ୍ୟ ଦେବଭୂମି ଭାବରେ ପ୍ରଖ୍ୟାତ। କାରଣ ହିମାଳୟ ମଧ୍ୟରେ ଅବସ୍ଥିତ ଏହି ରାଜ୍ୟରେ ଅନେକ ମନ୍ଦିର, ପବିତ୍ର ନଦୀ, ହ୍ରଦ, ପାହାଡ଼ ପର୍ବତ, ହିମ ଆଚ୍ଛାଦିତ ଗିରିଶୃଙ୍ଗ, ଜଙ୍ଗଲ, ଉପତ୍ୟକା, ପବିତ୍ର ନଦୀମାନଙ୍କର ସଙ୍ଗମ ସ୍ଥଳ ଇତ୍ୟାଦି ବିରାଜମାନ। ଯାହା ଦେଖିଲେ ଦର୍ଶକର ମନରେ ଆନନ୍ଦ ଜାତ ହୁଏ। ଭାରତୀୟ ମୁନି ଋଷିମାନେ ଜଗନ୍ନାଥ ପୁରୀ, ରାମେଶ୍ୱରମ୍, ଦ୍ୱାରକା ଓ ବଦ୍ରିନାଥକୁ ଚାରିଧାମ ଭାବରେ ଗଣନା କରୁଥିବା ବେଳେ ଉତ୍ତର ଭାରତରେ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଓ ଯମୁନେତ୍ରୀକୁ ଚାରି ଧାମ ଭାବରେ ଯାତ୍ରା କରନ୍ତି। କିଛି ବର୍ଷ ତଳେ କେଦାରନାଥ ଓ ବଦ୍ରିନାଥ ଯାତ୍ରା ଅତ୍ୟନ୍ତ ଦୁର୍ଗମ ଥିବାବେଳେ ବର୍ତ୍ତମାନ ରାସ୍ତାଘାଟ ଓ ଯାନ ବାହାନର ଅନେକ ସୁବିଧା ଉପଲବ୍ଧ ହେଉଛି। ଭଗବାନ ଶିବ ବିରାଜମାନ କରୁଥିବା କେଦାରନାଥ ମନ୍ଦିର ସମୁଦ୍ର ପତନ ଠାରୁ ୩୫୮୩ ମିଟର ଉର୍ଦ୍ଧ୍ୱରେ ହିମାଳୟର ଏକ ସୁଉଚ୍ଚ ଉପତ୍ୟକାରେ ଅବସ୍ଥିତ। ହିମାଳୟର ସବୁଜ ବୃକ୍ଷଲତା ଭରା ଗଡ଼ୱାଲ ଉପତ୍ୟକାରୁ କେଦାରନାଥ ଯାତ୍ରା ଆରମ୍ଭ ହୁଏ। ଗୌରୀକୁଣ୍ଡଠାରୁ ୧୪ କି.ମି. ପାଦରେ ଚାଲି ଚାଲି ଗଲେ କେଦାରନାଥ ମନ୍ଦିର ପଡ଼େ। ଏହି ଯାତ୍ରା ପାଇଁ ଘୋଡ଼ା, ଗଧ, ପିଠୁ ବା ଦୋଳାର ମଧ୍ୟ ସହାୟତା ନିଆଯାଇ ପାରେ। ପବିତ୍ର ମନ୍ଦାକିନୀ ନଦୀର ଅଙ୍କାବଙ୍କା ଧାରର କୂଳେ କୂଳେ ହିମାଳୟ ଚଢ଼ିବାକୁ ପଡ଼େ। ହେଲିକେପ୍ଟରର ସହାୟତାରେ ୧୦ ମିନିଟ ମଧ୍ୟରେ କେଦାରନାଥ ଉଚ୍ଚତାକୁ ଅତିକ୍ରମ କରିବାର ସୁବିଧା ଅଛି। ୨୦୧୩ ମସିହାର ଭୂସ୍ଖଳନ, ହିମସ୍ଖଳନ ଏବଂ ପ୍ରବଳ ବନ୍ୟା ପରେ ଗୌରୀ କୁଣ୍ଡ ଅଞ୍ଚଳର ୭ କି.ମି. ପୂର୍ବରୁ ୨୧ କି.ମି. ଯାତ୍ରା କରିବାକୁ ପଡୁଛି। ଅର୍ଦ୍ଧାଧିକ ରାସ୍ତା ଅତିକ୍ରମ କଲାପରେ ବରଫପୂର୍ଣ୍ଣ ହିମାଳୟ ଦେଇ ଗତି କରିବାକୁ ପଡ଼େ। ଶୀତର ପ୍ରକୋପ ବଢ଼ି ବଢ଼ି ଚାଲେ। କେଦାରେଶ୍ୱରଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଚାରିପଟେ ବରଫପୂର୍ଣ୍ଣ ପର୍ବତ ଶିଖର ପରିଲକ୍ଷିତ ହୁଏ। ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ରମଣୀୟ। ଉତ୍ତରାଖଣ୍ଡରେ ଯାତ୍ରୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାରୀ ନିୟମ ଦ୍ୱାରା ଯାତ୍ରା ପରିଚାଳନା କରାଯାଏ। ବାଦଲ ଘେରି ଅନ୍ଧକାର ଘୋଟି ଆସିଲେ କିମ୍ବା ହିମପାତ ହେଲେ ପାଦଚଲା ଯାତ୍ରା ଏବଂ ହେଲିକେପ୍ଟର ସେବା ବନ୍ଦ କରି ଦିଆଯାଏ। ଉଚ୍ଚ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଥିବାରୁ କେଦାରନାଥରେ ପ୍ରତି ମୁହୂର୍ତ୍ତରେ ପାଗ ପରିବର୍ତ୍ତନ ହେବାର ଆଶଙ୍କା ଥାଏ। ସେଇନା ଖରା ତ ସେଇନା ଅନ୍ଧାର। ସେଥିପାଇଁ ସରକାରଙ୍କ ତରଫରୁ ଯାତ୍ରୀମାନଙ୍କ ରହିବାର ବନ୍ଦୋବସ୍ତ କରାଯାଇଛି। ଖାଇବା ପାଇଁ ସରକାରୀ କାଣ୍ଟିନ୍ ଏବଂ ପ୍ରାଥମିକ ଚିକିତ୍ସା ପାଇଁ ଚବିଶ ଘଣ୍ଟା ସ୍ୱାସ୍ଥ୍ୟ ଶିବିର ମାନ ଖୋଲାଯାଇଛି। ପ୍ରବଳ ଥଣ୍ଡା ଓ ବରଫପାତ ଯୋଗୁଁ ମନ୍ଦିର ଛଅମାସ ବନ୍ଦ ରହିବାପରେ ଏପ୍ରିଲ ମାସ ଶେଷ ସପ୍ତାହରେ ଖୋଲାଯାଏ ଏବଂ ଦୀପାବଳୀ ପରେ ବନ୍ଦ ହୁଏ। ଏହି ସମୟରେ ପ୍ରଭୁ ଶଙ୍କରଙ୍କର ଚଳନ୍ତି ପ୍ରତିମାଙ୍କୁ ଗୁପ୍ତକାଶୀ ଠାରେ ପୂଜା କରାଯାଏ। କେଦାରନାଥ ମନ୍ଦିରର ପୂଜକମାନେ ଗୁପ୍ତକାଶୀ ଓ ଉଖୀ ମଠର ଆଖପାଖ ଗ୍ରାମରେ ନିଜ ଘରେ ବାସ କରନ୍ତି ଓ ଠାକୁରଙ୍କ ସେବାପୂଜା କରନ୍ତି। କେଦାରନାଥ ମନ୍ଦିର ଚାରିପାଖରେ ହଂସକୁଣ୍ଡ, ଉଦକ କୁଣ୍ଡ, ରେତ କୁଣ୍ଡ, ଗାନ୍ଧି ସରୋବର, ବାସୁକୀ ହ୍ରଦ, ଭୈରନାଥ ମନ୍ଦିର ଏବଂ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ମନ୍ଦିର ଅବସ୍ଥିତ। କୁହାଯାଏ ଆଦିଗୁରୁ ଶଙ୍କରାଚାର୍ଯ୍ୟ କେଦାରନାଥରେ ଭଗବାନ ଶିବଙ୍କ ସହ ଲୀନ ହୋଇଯାଇଥିଲେ।

ପୁରାଣରେ ବର୍ଣ୍ଣିତ ଯେ, ଭଗବାନ ବିଷ୍ଣୁ ନର ଓ ନାରାୟଣ ଭାବରେ ଭାରତ ଖଣ୍ଡର ବଦ୍ରିକାଶ୍ରମଠାରେ ଏକ ସ୍ୱୟଂ ପାତାଳ ଫୁଟା ଶିବଲିଙ୍ଗ ସମ୍ମୁଖରେ ଘୋର ତପସ୍ୟା କଲେ। ଭଗବାନ ଶିବ ଆବିର୍ଭାବ ହୋଇ ବର ଯାଚନା କଲେ। କେଦାରନାଥଠାରେ ଅବସ୍ଥାନ କରି ଲୋକମାନଙ୍କ ଦୁଃଖ ଦୂରକରିବା ପାଇଁ ନରନାରାୟଣ ଶିବଙ୍କୁ ବର ମାଗିଲେ। କିମ୍ବଦନ୍ତୀ ଅନୁସାରେ ପାଣ୍ଡବମାନେ ମହାଭାରତ ଯୁଦ୍ଧରେ ଜୟଲାଭ କରି ସାରିବା ପରେ ନିଜର ଭାଇବନ୍ଧୁ କୁଟୁମ୍ବମାନଙ୍କୁ ହତ୍ୟା କରିଥିବାରୁ ବହୁତ ଅନୁତାପ କଲେ। ଏହାର ପ୍ରତିକାର ପାଇଁ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିବାରୁ ଶିବଙ୍କୁ ପୂଜା କରି ସନ୍ତୁଷ୍ଟି କଲେ ସର୍ବପାପରୁ ମୋକ୍ଷ ପ୍ରାପ୍ତି ହେବ ବୋଲି ଉପଦେଶ ଦେଲେ। ଜୀବନର ଅନ୍ତିମକାଳରେ ପାଣ୍ଡବମାନେ ରାଜ୍ୟ ତ୍ୟାଗ କରି ହିମାଳୟ ଯାତ୍ରା କରି ସେଠାରେ ସେମାନଙ୍କ ଆରାଧ୍ୟ ଦେବତା ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ତପସ୍ୟା କରିବାକୁ ନିଷ୍ପତ୍ତି ନେଲେ। ତେଣୁ ସେମାନେ ପତ୍ନୀ ଦ୍ରୌପଦୀଙ୍କ ସହିତ ହିମାଳୟ ଯାତ୍ରା ଆରମ୍ଭ କଲେ। ରୁଦ୍ର ପ୍ରୟାଗ ଠାରେ ପହଞ୍ଚି ସେମାନେ ଶିବଙ୍କୁ ଦୂରରୁ ଦର୍ଶନ କଲେ। କିନ୍ତୁ ଶିବ ଲୁଚିଗଲେ। ଶିବଙ୍କୁ ଖୋଜି ଖୋଜି ଗୌରୀକୁଣ୍ଡ ପାଖରେ ନକୁଳ ଓ ସହଦେବ ଏକ ଅଦ୍ଭୁତ ଷଣ୍ଢର ଦର୍ଶନ ପାଇଲେ। ଭୀମତାଙ୍କୁ ଗଦାଧରି ଗୋଡ଼ାଇ କେଦାରନାଥ ଠାରେ ସେହି ଷଣ୍ଢର ଲାଞ୍ଜଧରି ଟାଣିବାରୁ ଷଣ୍ଢର ଚୂଳ ସହିତ ପିଠି ପାଖ ସେଇଠି ପଡ଼ିରହିଲା ଯାହାକି ଏବେ ଜ୍ୟୋତିର୍ଲିଙ୍ଗ ଭାବରେ ପୂଜା ପାଉଛନ୍ତି। ତାଙ୍କ ଶରୀରର ଅନ୍ୟ ଚାରୋଟି ଅଂଶ ମଧ୍ୟରୁ ଗୋଡ଼ ତୁଙ୍ଗନାଥ ଠାରେ, ମୁଖ ରୁଦ୍ରନାଥ ଠାରେ, ପେଟ ମଧ୍ୟମହେଶ୍ୱର ଠାରେ ଏବଂ ପୁଚ୍ଛ କଳ୍ପେଶ୍ୱର ଠାରେ ପତିତ ହେଲା। କେଦାରନାଥ ସହ ଏହି ଚାରି ପବିତ୍ରସ୍ଥଳ ପଞ୍ଚ କେଦାର ନାମରେ ବିଖ୍ୟାତ। ପୁରାଣ ଅନୁସାରେ କେଦାରନାଥ ମନ୍ଦିର ମହାଭାରତ ଯୁଦ୍ଧପରେ ପ୍ରାୟଶ୍ଚିତ ପାଇଁ ପାଣ୍ଡବମାନେ ନିର୍ମାଣ କରିଥିଲେ। ବର୍ତ୍ତମାନର ମନ୍ଦିର ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଆଗମନ ସମୟରେ ନିର୍ମାଣ କରାଯାଇଛି ବୋଲି କୁହାଯାଏ। ଏହାର କାରୁକାର୍ଯ୍ୟ ଅତୀବ ସୁନ୍ଦର। ଏହି ମନ୍ଦିରରେ ଗୋଟିଏ ମଣ୍ଡପ ଓ ଗୋଟିଏ ଗର୍ଭଗୃହ ଅଛି। ଗର୍ଭଗୃହର ମଧ୍ୟ ସ୍ଥଳରେ ତ୍ରିକୋଣାକାର ଏବଂ ବିରାଟ ଶିଳାଖଣ୍ଡ ବିରାଜମାନ ଯାହାକୁ ଭଗବାନ ଶିବ ଭାବରେ ପୂଜା କରାଯାଏ। ମଣ୍ଡପ ଉପରେ ନନ୍ଦୀଙ୍କର ଏକ ବିରାଟ ମୂର୍ତ୍ତି ବିଦ୍ୟମାନ। ଗର୍ଭଗୃହ ମଧ୍ୟରେ ପ୍ରଦକ୍ଷଣ କଲାବେଳେ ଚାରିପାଖରେ ଦେବାଦେବୀଙ୍କର ମୂର୍ତ୍ତିମାନ ପୂଜା ପାଉଥିବାର ଦୃଶ୍ୟ ହୁଏ। ଏଠାରେ ସକାଳ ପୂଜାକୁ ନିର୍ବାଣ ଦର୍ଶନ ଓ ସନ୍ଧ୍ୟା ପୂଜାକୁ ସିଙ୍ଗାର ଦର୍ଶନ ବୋଲି କୁହାଯାଏ। ସକାଳ ପୂଜାରେ ସୁପ୍ରଭାତ, ବାଳଭୋଗ, ମହାଭିଷେକ, ରୁଦ୍ରାଭିଷେକ, ଅଷ୍ଟୋତ୍ତର ଶତନାମ ଓ ଶିବ ପୂଜନ କରାଯାଉଥିବା ବେଳେ ସନ୍ଧ୍ୟାରେ ଶିବ ଅଷ୍ଟୋତ୍ତର ନାମ, ଶିବ ସହସ୍ରନାମ, ଶିବ ନାମାବଳୀ, ଶିବମହିମା ଓ ଏକାନ୍ତ ସେବା ଆଦି ସମାପନ କରାଯାଏ। ୨୦୧୩ ମସିହା ଜୁନ୍ ୧୬ ତାରିଖରେ କେଦାରନାଥ ଠାରେ ଏକ ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା। ଏଥିରେ ପ୍ରବଳ ବନ୍ୟା ଓ ତୁଷାର ସ୍ଖଳନ ଯୋଗୁଁ ମନ୍ଦିର ଚତୁଃପାର୍ଶ୍ୱ ଏବଂ କେଦାରନାଥର ଆଖପାଖ ସମସ୍ତ ଅଞ୍ଚଳର ପ୍ରଭୂତ କ୍ଷତି ସାଧନ ହୋଇଥିଲା। ଅନେକ ଧନଜୀବନ ନଷ୍ଟ ସାଙ୍ଗକୁ ସବୁକିଛି ଧ୍ୱଂସ ପାଇଯାଇଥିଲା କିନ୍ତୁ ମନ୍ଦିର କାନ୍ଥରେ କିଛି ଫାଟ ବ୍ୟତୀତ କୌଣସି ପ୍ରକାର କ୍ଷତି ହୋଇନଥିଲା। ଏକ ବିରାଟ ଶିଳାଖଣ୍ଡ ମନ୍ଦିରକୁ ବନ୍ୟାର ଧ୍ୱଂସ ମୁଖରୁ ରକ୍ଷା କରିଥିଲା। ଆମେ ଫାଟା ଠାରୁ ହେଲିକେପ୍ଟରରେ ଯାଇ ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ଫେରିବାକୁ ୪ଘଣ୍ଟା ଲାଗିବ ବୋଲି ଭାବି ସକାଳ ୮ଟାରେ ଫାଟ ଛାଡ଼ି ୮.୩୦ରେ ଦର୍ଶନ କଲୁ। କିନ୍ତୁ ଦିନ ୧୦ଟାରୁ ପାଗ ଖରାପ ହେବା ଆରମ୍ଭ ହେଲା। ହଠାତ୍ ଚାରିଆଡ଼ ଅନ୍ଧକାର ହୋଇ ଶୀତ ଲହରୀ ପ୍ରବାହିତ ହେଲା। ଦିନ ୩ଟା ପର୍ଯ୍ୟନ୍ତ ହେଲିପ୍ୟାଡ଼ରେ ଅପେକ୍ଷା କରି ମଧ୍ୟ ପାଗର କୌଣସି ପରିବର୍ତ୍ତନ ହେଲାନାହିଁ କି ହେଲିକେପ୍ଟର ଚାଲିଲା ନାହିଁ। ବାଧ୍ୟ ହୋଇ କେଦାରନାଥ ଠାରେ ସରକାରୀ ଶିବିରରେ ରାତ୍ରୀଯାପନ କରିବାକୁ ପଡ଼ିଲା। ରାତିରେ ପ୍ରବଳ ଶୀତ, କମ୍ବଳ ରେଜେଇ ଘୋଡ଼େଇ ହୋଇ ମଧ୍ୟ ଥଣ୍ଡାମାନୁ ନଥାଏ। ଅଜଣା ଆଶଙ୍କାରେ ମନ ବିଚଳିତ ହେଉଥାଏ। ରାତିର ନିଃଶବ୍ଦରେ ଝରଣାର କୁଳୁକୁଳୁ ସଙ୍ଗୀତ ବେଶ୍ ପରିଲକ୍ଷିତ ହେଉଥାଏ। ପରଦିନ ସକାଳୁ ଈଶ୍ୱରଙ୍କ ଦୟାରୁ ପାଗ ପରିବର୍ତ୍ତନ ହେଲା ଓ ଆମେ ହେଲିକେପ୍ଟରର ଯୋଗେ ପ୍ରତ୍ୟାବର୍ତ୍ତନ କଲୁ। ଚାରୁ ଘଣ୍ଟାର ପ୍ରକଳ୍ପିତ ଯାତ୍ରା ସମାପ୍ତ ହୋବକୁ ଦୀର୍ଘ ୮ଘଣ୍ଟା ଲାଗିଗଲା। ମାତ୍ର ବାବା କେଦାରେଶ୍ୱରଙ୍କର ଦର୍ଶନ ହୋଇଥିବାରୁ ତାଙ୍କ ଶ୍ରୀଚରଣରେ ମୁଣ୍ଡ ନଇଁ ଯାଉଥାଏ ଓ ମନରେ ଅସୀମ ଆନନ୍ଦ ଖେଳି ଯାଉଥାଏ। ହିମ ଆଚ୍ଛାଦିତ ହିମାଳୟର ଅତ୍ୟୁଚ ଶୃଙ୍ଗରାଜିରେ ବିରାଜିତ ବାବା କେଦାରନାଥଙ୍କ ଦର୍ଶନ ଆମମାନଙ୍କ ମଧ୍ୟରେ ଅଭୁଲାସ୍ମୃତି ହୋଇ ରହିଥିବ। ଏଥିସହିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନର ପ୍ରବଳ ଆକାଂକ୍ଷା ପୂରଣ ହେବାର ଆନନ୍ଦରେ ପ୍ରଭୁ ଶଙ୍କରଙ୍କ ପାଦତଳେ କୋଟି କୋଟି ସାଷ୍ଟାଙ୍ଗ ପ୍ରଣାମ ଜଣାଇ ସମଗ୍ର ବିଶ୍ୱର ମଙ୍ଗଳ କାମନା କରୁଛି।

***-ପ୍ଲଟ ନଂ-୧୦୮୨/ଡି, ସେକ୍ଟର-୬, ମର୍କତନଗର, କଟକ, ଦୂରଭାଷ : ୯୮୬୧୩୫୫୬୨୮***




# ଡାକ୍ତର ଜ୍ୟୋସ୍ନା ଦେଈ: ବଡ଼ ଡାକ୍ତରଖାନାରେ ଏକମାତ୍ର ପୁରୁଷ

ସମୟର ଗତିଚକ୍ର ବଢ଼ି ଚାଲିଛି। ନିୟତିର ଲିଖନୀରେ ଜଣେ ଜନ୍ମ ହୋଇ ନିଜ କର୍ମ ତୁଲାଇ ଆରପାରିକୁ ଯାତ୍ରା କରିଥାନ୍ତି। ତେବେ ଆମ ସମାଜରେ ଏପରି ଅନେକ ଆଦର୍ଶଣୀୟ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଦୀପଶିଖା ପରି ନିଜେ କଷ୍ଟ ଯନ୍ତ୍ରଣା ପାଇ ଅନ୍ୟମାନଙ୍କୁ ସୁଖ, ଶାନ୍ତି, ଆନନ୍ଦର ମୁହୂର୍ତ୍ତ ବାଣ୍ଟିଥାନ୍ତି। କେବଳ ଓଡ଼ିଶା ନୁହେଁ ସର୍ବଭାରତୀୟ ସ୍ତରରେ ମହିଳା ଡାକ୍ତର ଭାବେ ବେଶ୍ ଖ୍ୟାତି ପାଇଥିବା ଡାକ୍ତର ଜ୍ୟୋସ୍ନା ଦେଈ ୧୯୯୪ ମସିହା ଜୁଲାଇ ୧୮ ତାରିଖରେ ଇହଲୀଳା ସମ୍ବରଣ କରିଛନ୍ତି। ଜୁଲାଇ ୧୮, ୧୯୯୪ ମସିହା ସେ ଆଉ ଟପିଲେ ନାହିଁ। ସେଇ ସଂଧ୍ୟାରେ ତାଙ୍କର ପରଲୋକ ହୋଇଗଲା। ଗଲା କେତେଦିନ ଧରି ସେ ଅସୁସ୍ଥ ଥିଲେ, ଶଯ୍ୟାଶାୟୀ ହୋଇ ରହିଥିଲେ। ଡାକ୍ତର ଦେଈ ନାମରେ ଖ୍ୟାତ ଏଇ ପ୍ରବଳ ପ୍ରତାପୀ ମଣିଷକୁ ଜରା ଗ୍ରାସ କରିଥିଲା କିଛି ବର୍ଷ ଧରି ଏବଂ ସେ ଅବଶ ହୋଇ ଯାଉଥିଲେ। ତାଙ୍କ କଣ୍ଠରୁ ଆଉ ସେ କମାଣ୍ଡିଙ୍ଗ କଣ୍ଠସ୍ୱର ଶୁଭୁ ନଥିଲା। ମନେହେଉଥିଲା ଯେପରି ସେ ଏକ ବିଷର୍ଣ୍ଣ ଅପରାହ୍ନରେ ପହଞ୍ଚି ଯାଇଛନ୍ତି। ସଂଧ୍ୟା ହେବା ପାଇଁ ଆଉ ଡେରି ନାହିଁ।

କର୍ଣ୍ଣେଲ କ୍ଷେତ୍ରମୋହନ ରାୟ ଏବଂ ଶ୍ରୀମତୀ ଦେଈଙ୍କର ଦ୍ୱିତୀୟ କନ୍ୟା ଡାକ୍ତର ଜ୍ୟୋସ୍ନା ଦେଈ ବାପା ମାଆଙ୍କର ଆଶୀର୍ବାଦରୁ ଉଚ୍ଚଶିକ୍ଷା ପାଇଥିଲେ। ବଡ଼ ଭଉଣୀ ଡାକ୍ତର ବୀଣାଦେବୀଙ୍କ ସହିତ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଅଭିଭାବକତ୍ୱ ପାଇଥିଲେ। ଯେତେବେଳେ କର୍ଣ୍ଣେଲ କ୍ଷେତ୍ରମୋହନ ରାୟ ଚାଲିଲେ ମହାସମରକୁ, ଜ୍ୟୋସ୍ନା ଦେଈ ସେ କଥା ସ୍ମରଣ କରନ୍ତି ସାଶ୍ରୁଳ ନୟନରେ। ପାଟନା ମେଡ଼ିକାଲ କଲେଜରୁ ପାଶ୍ କରି ସେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରି ଆରମ୍ଭ କରନ୍ତି। ମେଡ଼ିକାଲ କଲେଜ ପ୍ରତିଷ୍ଠା ହେଲା ପରେ ତା'ର ପ୍ରସୂତି ବିଭାଗର ଦାୟିତ୍ୱ ଗ୍ରହଣ କରନ୍ତି। ସେତେବେଳେ ନାରୀମାନଙ୍କ ପାଇଁ ଉଚ୍ଚଶିକ୍ଷାର ପରିସର ଖୁବ୍ କମ୍ ଥିଲା କିନ୍ତୁ ପିତାମାତା ଉଭୟେ ଥିଲେ ଉଚ୍ଚ ଶିକ୍ଷିତ। ତେଣୁ ପୁତ୍ର ସ୍ୱର୍ଗତଃ ସଂଗ୍ରାମ କେଶରୀ ରାୟଙ୍କ ସହିତ ଝିଅମାନଙ୍କର ଉଚ୍ଚଶିକ୍ଷାରେ ମଧ୍ୟ କୌଣସି ତ୍ରୁଟି ହୋଇ ନ ଥିଲା। ଡାକ୍ତର ଦେଈ ପରେ ଇଂଲଣ୍ଡ ଯାଆନ୍ତି ଦ୍ୱିତୀୟ ମହାଯୁଦ୍ଧ ସରିବାର ଠିକ୍ ପରେ ପରେ ଏବଂ ସେଠାରୁ ଉଚ୍ଚଶିକ୍ଷା ଲାଭ କରି ଫେରନ୍ତି ଓଡ଼ିଶା। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ପ୍ରସୂତି ବିଭାଗର ବର୍ତ୍ତମାନ କୋଠା ହେଉଛି ତାଙ୍କରି ଦାନ। ପୂର୍ତ୍ତ ବିଭାଗ ଘର ତିଆରି କରିବେ କିନ୍ତୁ ଡାକ୍ତର ଦେଈ ଠିଆ ହୋଇ ତା'ର ତଦାରଖ କରିବେ ଏବଂ ଆବଶ୍ୟକ ହେଲେ ପରିବର୍ତ୍ତନ ମଧ୍ୟ କରିବେ। ତାଙ୍କ ଆଖିରୁ କିଛି ଏଡ଼ାଇ ଯିବ ନାହିଁ କି ତାଙ୍କର ପ୍ରତାପୀ ହୁକୁମ ଆଗରେ କେହି ଠିଆ ହୋଇପାରିବେ ନାହିଁ, ସେ ଡାକ୍ତର ହୁଅନ୍ତୁ, ଇଞ୍ଜିନିୟର ହୁଅନ୍ତୁ, ଆଇ.ଏ.ଏସ୍. ଅଫିସର ହୁଅନ୍ତୁ। ଡାକ୍ତର ଦେଈ ଅନନ୍ୟ।

ମେଡ଼ିକାଲ କଲେଜରେ ତାଙ୍କ ଉପରେ ବହୁ ଗଳ୍ପ ରହିଛି। ସମସ୍ତେ କହନ୍ତି ମେଡ଼ିକାଲ କଲେଜରେ ଜଣେ ପୁରୁଷ ଅଛନ୍ତି, ସେ ହେଉଛନ୍ତି ଡାକ୍ତର କୁମାରୀ ଜ୍ୟୋସ୍ନା ଦେଈ। ଦି'ପ୍ରହର ଖରା, ଜଣେ ରୋଗୀକୁ ଖଟିଆରେ ଶୁଆଇ ଦଳେ ଲୋକ ଆଣିଥିଲେ ଡାକ୍ତରଖାନା ଆଉଟଡୋରକୁ। ସେତେବେଳକୁ ଆଉଟଡୋର ବନ୍ଦ ହୋଇଗଲାଣି। ଉଦୁଉଦିଆ ଦି'ପ୍ରହର। ସବୁଆଡ଼େ ଶୂନଶାନ୍। ଗାଁରୁ ଆସିଛନ୍ତି ଲୋକେ। ସେମାନେ ପଚାରିଲେ ବଡ଼ ଡାକ୍ତର କେଉଁଠି ରହନ୍ତି? ଜ୍ୟୋସ୍ନା ଦେଈ ରହିଥିଲେ ବର୍ତ୍ତମାନ ଯେଉଁଠି ସ୍କୁଲ ହୋଇଛି ସେଇଘରେ। ରୋଗୀକୁ ନେଇ ଖଟିଆ ରଖି ଦେଇ ଲୋକେ କ୍ଲାନ୍ତି ସାରିଲେ ବାରଣ୍ଡାରେ। ରୋଗୀ ପାରାଲିଟିକ୍, ତେଣୁ ଶୋଇ ରହିଛି ଖଟିଆରେ। ହଠାତ୍ ଡାକ୍ତର ଦେଈଙ୍କର ଆଲସେସିଆନ କୁକୁର ଦଳ ଘର ଭିତରୁ ବାହାରି ପଡ଼ିଲେ। ରୋଗୀର ସାହାଯ୍ୟକାରୀମାନେ ଦୌଡ଼ିଲେ ଏବଂ ଦେଖାଗଲା ଅଚଳ ହୋଇ ଶୋଇ ରହିଥିବା ରୋଗୀ ମଧ୍ୟ ବିଛଣାରୁ ଉଠି ଦୌଡ଼ିଲା। ପ୍ରଚାର ହୋଇଗଲା ବାପରେ କି ଡାକ୍ତର? ପ୍ରତାପୀ ନିଶ୍ଚୟ। ରୋଗୀ ନ ଦେଖୁଣୁ ରୋଗୀ ସଂପୂର୍ଣ୍ଣ ସୁସ୍ଥ? ଡାକ୍ତର ଦେଈ ବିବାହ କରିନାହାନ୍ତି; କିନ୍ତୁ ପରିବାର ବହୁତ। ଦେଖିଲେ ମନେହେବ ଏକ ବିରାଟ ପରିବାର, ଝିଆରି, ପୁତୁରା ବହୁ ବନ୍ଧୁବାନ୍ଧବଙ୍କ ସମାରୋହ। ଯେପରି ଏକ ବିରାଟ ଯୁଗ୍ମପରିବାର। କିଏ କହିବ ଯେ ଏଇ ନାରୀ ଅବିବାହିତା! ଦି' ଭଉଣୀ ଏକାଠି। ତାଙ୍କ ସହିତ ପରିବାରର ବହୁ ଲୋକଙ୍କର ନୀଡ଼ ସେଇଟା। ସମସ୍ତେ କିନ୍ତୁ ଡାକ୍ତର ଦେଈଙ୍କୁ ମାନନ୍ତି। ତାଙ୍କୁ ଭୟ କରନ୍ତି। ବେଶ ସ୍ନେହୀ ମଣିଷ। ଅବିବାହିତା, କିନ୍ତୁ ସଂପୂର୍ଣ୍ଣ ପାରିବାରିକ। ଇମିତି ମଣିଷ ମିଳିବା କଠିନ। ପରିଣତ ବୟସ ହୋଇଥିଲା। ଦେହ ଅବଶ ହୋଇ ଆସୁଥିଲା। ଆଉ ରହନ୍ତେ କାହିଁକି? ଆଉ କଷ୍ଟ ପାଇ ଜୀବନ ଧାରଣ କରିବାର କି ଅର୍ଥ? ଡାକ୍ତର ଦେଈ ଭୂମିଷ୍ଠ କରାଇଛନ୍ତି ବହୁ ପୁତ୍ରକନ୍ୟାଙ୍କୁ। ସେମାନେ ସେମାନଙ୍କ ପିତାମାତା ସମସ୍ତେ ସ୍ମରଣ କରନ୍ତି ଡାକ୍ତର ଦେଈଙ୍କୁ। ତାଙ୍କର ଦକ୍ଷ ହାତ, ତାଙ୍କର କଠୋର ଶୃଙ୍ଖଳାକୁ। ସେଇତ ତାଙ୍କ ପାଇଁ ଜୀବନ୍ୟାସ।

**ଜି.ବି. ପଟ୍ଟନାୟକ, କଟକ**

## ବିଧାୟକ କଲୋନୀରେ ସାଇ ନିର୍ମଳଝର ଉଦ୍‌ଘାଟିତ

ଭୁବନେଶ୍ୱର (ପିଏନ୍): ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ଆନୁକୂଲ୍ୟରେ ୟୁନିଟ୍-୪ସ୍ଥିତ ୱାର୍ଡ଼ ନଂ-୩୬ ବିଧାୟକ କଲୋନୀରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ କରକମଳରେ ସାଇ ନିର୍ମଳଝରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ୩୬ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ନରେନ ସାହୁଙ୍କ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ଼ର ସଭାପତି ଶିବ ସୁଆର, ସମ୍ପାଦକ ଶେଖ୍ ତସ୍‌ବୀର, ଉତ୍ତମ ସାମନ୍ତରାୟ, ଭିକାରୀ ବେହେରା ଓ ଅନ୍ୟାନ୍ୟ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସମ୍ପ୍ରତି ଭୂପୃଷ୍ଠରୁ ଜଳସ୍ତର ଧୀରେ ଧୀରେ କମୁଥିବାରୁ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଳ ମୁନ୍ଦିଏ ପିଇବା ପାଇଁ ରାଜଧାନୀର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସଂଗଠନ ତରଫରୁ ଏପରି ଅଭିନବ ଉଦ୍ୟମ କରାଯାଇଛି।

## 'ମୋ ସ୍କୁଲ' ଅଭିଯାନ କମିଟି ଗଠନ

ଖୋର୍ଦ୍ଧା (ପିଏନ୍): ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ 'ମୋ ସ୍କୁଲ' ଅଭିଯାନକୁ ସମ୍ମାନ ଜଣାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଭାଲିଆବାଡ଼ିର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସୁପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ 'ମୋ ସ୍କୁଲ' କମିଟି ଗଠନ ହୋଇଯାଇଛି। ବୈଠକରେ ଉପସ୍ଥିତ ଥିବା ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କ ସମ୍ମତିରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଶ୍ରୀଯୁକ୍ତ ଶିବନାରାୟଣ ଦାଶ ଓ ଉପଦେଷ୍ଟା-ମଣ୍ଡଳୀ ଭାବରେ ଶ୍ରୀଯୁକ୍ତ ଲଳିତ କୁମାର ଦାଶ, ବିରଞ୍ଚି ନାରାୟଣ ଦାଶ, ଆଶୀଷ ରାୟ, ବୀରକିଶୋର ସିଂହ, ପ୍ରଦୀପ କୁମାର ଦାଶ, ଅରବିନ୍ଦ ରାଉତରାୟ, ଲୋକନାଥ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଅମରକାନ୍ତ ପ୍ରଧାନ, ହାଡ଼ିବନ୍ଧୁ ପ୍ରଧାନ, ପ୍ରସନ୍ନ କୁମାର ରାଉତରାୟ, ଶତ୍ରୁଘ୍ନ ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଭବିଷ୍ୟତରେ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଓ ଭୂମିକାରେ ଗଢ଼ି ତୋଳିବା ନିମନ୍ତେ ସମସ୍ତେ ଏକମତ ହୋଇଥିଲେ।

# କୁସଂସ୍କାରର ଜଘନ୍ୟ ପରିଣତି



କେତେ ଦିନ ହେଲା ଆମ ରାଜ୍ୟ ତଥା ଅନ୍ୟତ୍ର ଯେମିତି ଚାଲିଛି ଅନ୍ଧ କୁସଂସ୍କାରର ରାଜୁତି। ବିକୃତ ମାନସିକତାରୁ ଉତ୍ପନ୍ନ ଅନ୍ଧ କୁସଂସ୍କାର ପାଇଁ ବହୁ ଲୋକଙ୍କର ଜୀବନ ଯାଉଛି। ଖଟବିଦ୍ୟା, ଗୁଣିଗାରେଡ଼ି ହେତୁକ ଗୁଡ଼ିଏ ପରିବାର କେବଳ ଉଜୁଡ଼ି ଯାଉନାହିଁ, ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେବାରୁ ସାମାଜିକ ସନ୍ତୁଳନ ବିଗିଡ଼ି ଯାଉଛି। ନିକଟଅତୀତରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ପର୍ବତ ଉପରେ ମୁଣ୍ଡାସାହି ଗ୍ରାମରେ ଯେଉଁ ଅଭାବନୀୟ ଘଟଣା ଘଟିଯାଇଛି, ତାହା ଅନ୍ଧବିଶ୍ୱାସ କୁସଂସ୍କାରର ବିଷମ ପରିଣତି ଛଡ଼ା ଆଉ କିଛି ନୁହେଁ। ନିକଟରେ ଗଜପତିର ମୋହନା, ଗଞ୍ଜାମର ସାନଖେମୁଣ୍ଡି ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଜିଅନ୍ତା ଜୁଇରେ ପକାଇ ଦିଆଯିବା ଭଳି ଲୋମଟାଙ୍କୁରା ଘଟଣା ମନରୁ ଲିଭିନ ଥିବା ବେଳେ ମୁଣ୍ଡାସାହି ଗ୍ରାମରେ ଗୋଟିଏ ଆଦିବାସୀ ପରିବାରର ଛ'ଜଣଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ମୁଣ୍ଡାସାହିର ଗୋଟିଏ ପରିବାରର ଜଣେ ମହିଳା, ଚାରିଜଣ ପିଲାଙ୍କୁ ମିଶାଇ ଛଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଭାବେ ଆହତ କରାଯାଇଛି, ସେମାନଙ୍କ ଅବସ୍ଥା ସାଂଘାତିକ ରହିଛି। ଗ୍ରାମବାସୀଙ୍କର ସନ୍ଦେହ ହେଲା ଏହି ମୁଣ୍ଡା ପରିବାର ଲୋକମାନେ ଗୁଣି ଗାରେଡ଼ିରେ ଲିପ୍ତ, ତେଣୁ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହାଣି ଦେଇଛନ୍ତି ବୋଲି ପୁଲିସର ଦୃଢ଼ ଅନୁମାନ। ଏହି ମର୍ମାନ୍ତିକ ଘଟଣାରେ ଯେଉଁମାନେ ଜଡ଼ିତ ସେମାନଙ୍କୁ ଧରିବା ସକାଶେ ପୁଲିସର ଉଦ୍ୟମ ଓ ବିଚାରଣା ପରେ କାହାକୁ କେତେ ଦଣ୍ଡ ବିଧାନ ହେବ, ତାହା ପର କଥା। ମାତ୍ର ଆପାତଃ ଗୁଣିଗାରେଡ଼ି ଅଭିଯୋଗର ଯେତେ ଭିତ୍ତି ଥାଉନା କାହିଁକି, ଗ୍ରାମବାସୀ ଆଇନକୁ ହାତକୁ ନେଇ ଏତେବଡ଼ ଅପରାଧ କରିବା କେତେଦୂର ଗ୍ରହଣୀୟ, ତାହା ବିଚାରର କଥା। ଯାହା ସୂଚନା ମିଳିଛି, ମୁଣ୍ଡାସାହି ଗ୍ରାମରେ ଜଘନ୍ୟ ଘଟଣା ପରେ ପୁରୁଷଶୂନ୍ୟ ହୋଇଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସବୁ ପୁରୁଷ ଲୋକ ଗ୍ରାମ ଛାଡ଼ି ପଳାଇଛନ୍ତି। ସାରା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ହେବ ବୋଲି ପୁଲିସବାହିନୀ ମହାନିର୍ଦ୍ଦେଶକ ଘୋଷଣା କରିଛନ୍ତି। ବିଶ୍ୱାସ କରାଯାଉଛି, ଏହି ଗଣହତ୍ୟା ଘଟଣାରେ ଜଡ଼ିତ ବ୍ୟକ୍ତିମାନଙ୍କୁ ଯେମିତି ହେଲେ ଧରାଯିବ। ଆଇନ ହାତରୁ ସେମାନେ ଖସିଯିବା ଏତେ ସହଜ ହୋଇନପାରେ। ଜଘନ୍ୟ ହତ୍ୟାକାଣ୍ଡର ଗମ୍ଭୀରତାକୁ ବିଚାରକୁ ନେଇ ରାଜ୍ୟ ପୁଲିସ ରେଡ଼ ଫ୍ଲାଗ୍ କ୍ୟାଟେଗୋରିରେ ଗ୍ରହଣ କରିଛି। ଦୁର୍ଭାଗ୍ୟର ବିଷୟ ହେଲା ଏ ପ୍ରକାର ଅନ୍ଧବିଶ୍ୱାସ ଜନିତ ବୀଭତ୍ସ ହିଂସା ଏବଂ ଅନ୍ଧବିଶ୍ୱାସ ଯୋଗୁଁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା। ପ୍ରତିକାର ପାଇଁ ୨୦୧୩ରୁ ଆମ ରାଜ୍ୟରେ ଏକ ଆଇନ ରହିଛି। କିନ୍ତୁ ଆଇନ ଥିବା ସତ୍ତ୍ୱେ ନିୟମିତ ବ୍ୟବଧାନରେ ଅନ୍ଧବିଶ୍ୱାସ ଜନିତ ହିଂସାକାଣ୍ଡ ଘଟି ଚାଲିଛି ଏବଂ ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧ ମାନେ ଶାରୀରିକ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଗତ ୨୦୧୩ ଏବଂ ୨୦୧୪ରେ ଗୁଣିଗାରେଡ଼ି ସନ୍ଦେହରେ ରାଜ୍ୟରେ ୯୪ଟି ହତ୍ୟାକାଣ୍ଡ ଘଟିଛି। ବର୍ତ୍ତମାନ ସୁଦ୍ଧା ୧୦ରୁ ଅଧିକ ବ୍ୟକ୍ତି ଅନ୍ଧବିଶ୍ୱାସଜନିତ ଅନ୍ଧ ହିଂସାର ଶିକାର ହୋଇସାରିଲେଣି। ଏହାଛଡ଼ା ଗୁଣିଗାରେଡ଼ି ସନ୍ଦେହରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବା ଘଟଣା ମଧ୍ୟ ନିୟମିତ ବ୍ୟବଧାନରେ ଖବରକାଗଜର ଶିରୋନାମା ହେଉଛି। କେଉଁଠି ସନ୍ଦିଗ୍ଧ ପରିବାରଙ୍କୁ ନିଆଁପାଣି ବାସନ୍ଦ କରାଯାଉଛି ତ ଆଉ କେଉଁଠି ଗୁଣିଗାରେଡ଼ି କରୁଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦଉଡିରେ ବାନ୍ଧି ବନ୍ଦୀ କରି ରଖାଯାଉଛି। ପୁଣି ଆଉ କେଉଁଠି ଲଣ୍ଡା କରି ମାଡ଼ ଦେଇ ଗାଁ ସାରା ବୁଲାଯାଇ ଅକଥନୀୟ ଅତ୍ୟାଚାର ଦିଆଯାଉଛି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି ମୁଖ୍ୟତଃ ମହିଳା। ବିଶେଷକରି ଗାଁରେ ଏକାକୀ ବସବାସ କରୁଥିବା ବିଧବା ଓ ନିଃସନ୍ତାନ ମହିଳା ଗୁଣିଗାରେଡ଼ିରେ ଲିପ୍ତ ଥିବା ସନ୍ଦେହରେ ନିର୍ଯାତନାର ଶିକାର ହେଉଛନ୍ତି। ଶିକ୍ଷାର ଅଭାବ ସହ ସ୍ୱାସ୍ଥ୍ୟସେବାର ଅଭାବ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି। ମୁଖ୍ୟତଃ ୧୭ଟି ଆଦିବାସୀବହୁଳ ଜିଲ୍ଲାରେ ଗୁଣିଗାରେଡ଼ି ଜନିତ ହିଂସା ଘଟଣାର ସଂଖ୍ୟା ଅଧିକ ହୋଇଥିଲେ ସୁଦ୍ଧା ଗଞ୍ଜାମ ଭଳି ଉପକୂଳ ଜିଲ୍ଲାର ଏହାର ପ୍ରାଦୁର୍ଭାବରୁ ମୁକ୍ତ ନୁହେଁ। ଗତବର୍ଷ ଜାନୁଆରୀରୁ ଅପ୍ରେଲ ୭ ତାରିଖ ମଧ୍ୟରେ ଘଟିଥିବା ୯ଟି ଗୁଣିଗାରେଡ଼ି ସନ୍ଦେହରେ ହିଂସା ଘଟଣା ଭିତରୁ ୩ଟି ଗଞ୍ଜାମରେ ଏବଂ ଆଉ ଗୋଟିଏ ଅନ୍ୟତମ ଉପକୂଳ ଜିଲ୍ଲା ବାଲେଶ୍ୱରରେ ଘଟିଛି। ଉପକୂଳ ଜିଲ୍ଲାର କେତେକ ଗ୍ରାମରେ ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚୋର ଧରିବା ପାଇଁ ଖଟ ବୁଲାଇବା ପ୍ରଥା ଏବେ ବି ପ୍ରଚଳିତ ଅଛି। ଅର୍ଥାତ୍ ଶିକ୍ଷାର ପ୍ରସାର ଘଟି ନଥିବା ପଛୁଆ ଆଦିବାସୀ ଜିଲ୍ଲାରେ ଅନ୍ଧବିଶ୍ୱାସର ପ୍ରାଦୁର୍ଭାବ ଅଧିକ ମାତ୍ରାରେ ଥିଲେ ସୁଦ୍ଧା, ତଥାକଥିତ ଶିକ୍ଷିତ, ଉନ୍ନତ ଜିଲ୍ଲା ମଧ୍ୟ ଏଥିରୁ ମୁକ୍ତ ନୁହେଁ। ଏକବିଂଶ ଶତାବ୍ଦୀରେ ଏ ସ୍ଥିତି ଆଦୌ ସୁଖଦ ନୁହେଁ। ଆଇନ ତ ରହିଛି। ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ଲାଗି ପ୍ରୟାସ ହେବା ଉଚିତ। ବିଡ଼ମ୍ବନାର ବିଷୟ ହେଲା, ଦୁଇବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ଗୁଣିଗାରେଡ଼ି ତନ୍ତ୍ରମନ୍ତ୍ର ବିଦ୍ୟାର ପ୍ରତିକାର ଓ ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା, କ୍ୱଚିତ ଥାନା ସ୍ତରରେ କାର୍ଯ୍ୟରତ ପୁଲିସ ଅଧିକାରୀ ଏ ଆଇନ ସମ୍ପର୍କରେ ଅବଗତ। ଅଜ୍ଞତା ଯୋଗୁଁ ଏହାର ପ୍ରୟୋଗ ହେଉନାହିଁ। ପୁଲିସ୍ ଅଧିକାରୀମାନଙ୍କୁ ଆଇନ ସମ୍ପର୍କରେ ଅବଗତ କରି ତାର ପ୍ରୟୋଗ ଓ କାର୍ଯ୍ୟକାରିତା ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ଉଚିତ। ତେବେ ଏହା ଆଇନ ଯଥେଷ୍ଟ ନୁହେଁ। ଆଇନ ଅପେକ୍ଷା ଅନ୍ଧବିଶ୍ୱାସର ମୁକାବିଲା ପାଇଁ ସଚେତନତା, ଶିକ୍ଷାର ପ୍ରସାର ଏବଂ ଅଗମ୍ୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ପ୍ରସାର ଅଧିକ ଜରୁରୀ। ଗୁଣିଗାରେଡ଼ି ଓ ଅନ୍ଧକୁସଂସ୍କାର ପାଇଁ କା ଭାଁ ହତ୍ୟା, ଗୃହଦାହ ଭଳି ଘଟଣା ଘଟିବାର ବହୁ ନଜିର ରହିଛି। କିନ୍ତୁ କେନ୍ଦୁଝରର ଏହି ଅଭାବନୀୟ ଘଟଣା ବିବେକବାନ ସମସ୍ତ ବ୍ୟକ୍ତିଙ୍କ ମାନସିକତାକୁ ଗଭୀର ଆଘାତ ଦେଇଛି। ପୁଲିସ ଓ ପ୍ରଶାସନର ପଦକ୍ଷେପ ନିର୍ବିଶେଷରେ ଗୋଟିଏ କଥା କୁହାଯାଇପାରେ ଯେ, କୁସଂସ୍କାରର ବିଲୋପ ପାଇଁ ସାମାଜିକ ଜାଗରୁକତାକୁ ତ୍ୱରାନ୍ୱିତ କରାଯିବା ଜରୁରୀ। ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀମାନଙ୍କର ଏ ବାବଦରେ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଏଭଳି ଅନ୍ଧକୁସଂସ୍କାର ବିଲୋପ ପାଇଁ ଗଣଅଭିଯାନ କରାଯିବା ସହିତ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ହୁଏତ ପରିସ୍ଥିତି ଆୟତ୍ତକୁ ଅଣାଯିବାରେ ସହାୟକ ହୋଇପାରେ।

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଟ୍ରଷ୍ଟ କନ୍‌ଭେନର, ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧**

# ଓରେଡ଼ା କର୍ମଚାରୀ ସଂଘର ଦାବିଗୁଡ଼ିକୁ ସକାରାତ୍ମକ ଢଙ୍ଗରେ ବିଚାର କରାଯିବ



ଭୁବନେଶ୍ୱର (ପିଏନ୍): ଓରେଡ଼ା କର୍ମଚାରୀ ସଂଘ ପକ୍ଷରୁ ଓରେଡ଼ାର ଉନ୍ନତି ସହିତ କର୍ମଚାରୀମାନଙ୍କର ସମୂହ ସ୍ୱାର୍ଥ ନିମନ୍ତେ ଯେଉଁ ଦାବି ଉପସ୍ଥାପନ କରାଯାଇଛି ତାହାକୁ ସକାରାତ୍ମକ ଢଙ୍ଗରେ ବିଚାର କରାଯିବ ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ତଥା ଓରେଡ଼ାର ଅଧ୍ୟକ୍ଷ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଗତ ଶୁକ୍ରବାର ଦିନ ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ କକ୍ଷରେ ଓରେଡ଼ା କର୍ମଚାରୀ ସଂଘର ସ୍ଥାୟୀ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେଇଥିଲେ। ଉକ୍ତ ଦାବିଗୁଡ଼ିକ ମଧ୍ୟରେ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁସାରେ ବକେୟା ୫୦ ପ୍ରତିଶତ ରାଶି ପ୍ରଦାନ, ଅବସରକାଳୀନ ଭତ୍ତା ପ୍ରଦାନ, ଜୁନିୟର ଟେକ୍ନିସିଆନରୁ ଟେକ୍ନିସିଆନ ପାହ୍ୟାକୁ ଏବଂ ସିନିୟର ଆସିଷ୍ଟାଣ୍ଟରୁ ଏସ୍.ଓ. ପାହ୍ୟାକୁ ପଦୋନ୍ନତି, ଆର.ଏ.ସି.ପି. ମଞ୍ଜୁରି ସହିତ ନଗଦ ଅର୍ଥ ପ୍ରଦାନ, ନୂତନ କର୍ମଚାରୀ ନିଯୁକ୍ତି ତଥା ଓରେଡ଼ାରେ ଅଣଯୋଜନା ବାବଦ ଅନୁଦାନ ୪.୫୬ କୋଟିରୁ ୧୦ କୋଟିକୁ ବୃଦ୍ଧି ଆଦି ଅନ୍ତର୍ଭୁକ୍ତ। ମନ୍ତ୍ରୀ ଶ୍ରୀ ପଣ୍ଡା ଏହି ଦାବିଗୁଡିକୁ ସହୃଦୟତାର ସହିତ ଶୁଣିଥିଲେ ଏବଂ ସେଗୁଡ଼ିକୁ ଆସନ୍ତା ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ ଓରେଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଲକ୍ଷ୍ମୀଧର ଦାସ ଏବଂ ନିର୍ଦ୍ଦେଶକ (ପ୍ରଶାସନ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଏଥିନିମନ୍ତେ ଅର୍ଥ ବିଭାଗର ଅନୁମୋଦନ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ମନ୍ତ୍ରୀ କହିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଓରେଡ଼ା କର୍ମଚାରୀ ସଂଘର ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ଦାସ, କାର୍ତ୍ତିକ ଚନ୍ଦ୍ର ପରିଡ଼ା, ସଂସାରୀ ଶ୍ରୀଚନ୍ଦନ ଏବଂ ସୁରେନ୍ଦ୍ରନାଥ ସାହୁ ସାମିଲ୍ ଥିଲେ।

## ସାହିତ୍ୟ ଦର୍ପଣ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ଏକବିଂଶ ବାର୍ଷିକ ସାରସ୍ୱତ ସମାବେଶ ଓ ପୁରସ୍କାର ପ୍ରଦାନ ଉତ୍ସବ ଆସନ୍ତା ୮ ତାରିଖ ସଂଧ୍ୟାରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ହେବ। ଏହି ଅବସରରେ ସାମଗ୍ରିକ ସାହିତ୍ୟ କୃତୀ ପାଇଁ କଥାକାର ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କୁ ଚଳିତବର୍ଷର ସାହିତ୍ୟ ଦର୍ପଣ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି କବି ତ୍ରିନାଥ ସିଂହଙ୍କୁ ସାହିତ୍ୟ ଦର୍ପଣ ସ୍ୱତନ୍ତ୍ର କବିତା ସମ୍ମାନ, ଗାଳ୍ପିକ କାର୍ତ୍ତିକ ସ୍ୱାଇଁ, କବି କମଳ କୁମାର ମହାନ୍ତି, ଗାଳ୍ପିକ ଶୈଳେନ୍ଦ୍ର ଜେନା, କବି ସୁରଂଜନ ପାତ୍ର, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟକ, ବିଶିଷ୍ଟ କବି ହରପ୍ରସାଦ ଦାସ ମୁଖ୍ୟଅତିଥି, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ପ୍ରାଣୀସମ୍ପଦ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କବି ରତ୍ନାକର ରାଉତ ଓ କବି ମଧୁସୂଦନ ଦାଶ ଅତିଥିଭାବେ ଯୋଗଦେବେ ବୋଲି ପତ୍ରିକାର ସମ୍ପାଦକ ବିମଳ ପତି ଜଣାଇଛନ୍ତି।

# ଗୃହମନ୍ତ୍ରୀ ଅମୀତ ଶାହାଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ

ରାଉରକେଲା (ପିଏନ୍): ଦୀର୍ଘ ପାଂଚଦିନ ଧରି ଦିଲ୍ଲୀରେ ଚାଲିଥିବା ଦଙ୍ଗା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମୀତ ଶାହାଙ୍କୁ କଂଗ୍ରେସ ତରଫରୁ ଦାୟୀ କରାଯାଇଛି। ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ଏଭଳି ବେପରବାୟ ମନୋଭାବ ଦଙ୍ଗା ନିୟନ୍ତ୍ରଣରେ ବିଫଳତା ପାଇଁ ବର୍ତ୍ତମାନ ସୁଦ୍ଧା ୪୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବା ବେଳେ ଶହ ଶହ ଲୋକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର କ୍ଷମତାରେ ଥିବାବେଳେ କେନ୍ଦ୍ର ସରକାରଙ୍କ ଅଧିନରେ ଦିଲ୍ଲୀ ପୋଲିସ୍ ରହିଛି। ତେଣୁ ଦଙ୍ଗା ନିୟନ୍ତ୍ରଣରେ ପୋଲିସର ବିଫଳତା କେନ୍ଦ୍ର ସରକାର ତଥା ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ନଗ୍ନ ବିଫଳତା ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ତେଣୁ ଏ ପରିସ୍ଥିତିରେ କେନ୍ଦ୍ର ଗୃହମନ୍ତ୍ରୀ ଭାବରେ ଶ୍ରୀ ଶାହା ଆଉ ଗୋଟିଏ ମୁହୂର୍ତ୍ତ କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି କଂଗ୍ରେସ ତରଫରୁ କୁହାଯାଇ ଉଦିତନଗର ଆମ୍ବେଦକର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଦେଇ ଶ୍ରୀ ଶାହାଙ୍କ ଇସ୍ତଫା ନଚେତ୍ କେନ୍ଦ୍ର ସରକାରରୁ ତାଙ୍କ ବରଖାସ୍ତ ଦାବି କରିଥିଲେ। ଗୁଜରାଟ ରାଜ୍ୟ ସରକାରରେ ଅମୀତ ଶାହା ଗୃହମନ୍ତ୍ରୀ ଥିବାବେଳେ ଯେପରି ଗୁଜରାଟରେ ସାଂଘାତିକ ଦଙ୍ଗା ସୃଷ୍ଟି ହୋଇ ୬ ମାସରୁ ଊର୍ଦ୍ଧ୍ୱ ସମୟ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସେହି ଦଙ୍ଗାରେ ହଜାର ହଜାର ଲୋକ ମୃତାହତ ହୋଇଥିଲେ ଆଜି ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ଶାହାଙ୍କ ସମୟରେ ପୁନଶ୍ଚ ସେଭଳି ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ। ତେବେ ଗୁଜରାଟ ପରିସ୍ଥିତିର ପୁନରାବୃତ୍ତି ହେବା ପାଇଁ କଂଗ୍ରେସ କଦାପି ଦେବନାହିଁ ବୋଲି ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରି ଶ୍ରୀ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଚିତ୍ତରଂଜନ ମହାନ୍ତି, କୀର୍ତ୍ତନ ଦାସ, ଇଂ. ଆର୍.ପି. ସିଂହ, ସୁକାନ୍ତ ମହାପାତ୍ର, ଏମ୍‌ଡି ନଜମୁଦ୍ଦିନ, ନରେନ୍ଦ୍ର ସିଂହ, ଲୋକନାଥ ଭୂମିଜ, ବିଜୟ ଆପଚ୍ଚ, ସରୋଜ ଜେନା, ଅସଲାମ ପରଭେଜ, ସୁନୀଲ ପଟ୍ଟନାୟକ, ମୋଚ୍ଚୁ ସାହୁ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରଦୀପ ସାହୁ, ସୁନୀଲ ସିଂହ, ରାଜେନ୍ଦ୍ର ରଜାକ, ମହେଶ୍ୱର ତନ୍ତୀ, ଦିଲ୍ଲୀପ ଲାହିରି, ରତିକାନ୍ତ ମଲ୍ଲିକ, ଭାଗିରଥି ମାହାଲା, କୁବେର ବାରିକ, ଆବିଦ ହୁସେନ, ସୁଧୀର ନାଥ, ସାରଦା ପ୍ରସନ୍ନ ଦାସ, ଯୁବ ଉପସଭାପତି ବିଶ୍ୱଭୂଷଣ ସର, ଜ୍ଞାନେନ୍ଦ୍ର ଦାସ, ସରୋଜ ମହାନ୍ତି, ଶୁକଦେବ ପଣ୍ଡା, ନାରୀନେତ୍ରୀ ବନଲତା ବେହେରା, କଲ୍ୟାଣୀ ପୂର୍ତ୍ତି, ଅମ୍ରିତ କୌର, ଯୁବନେତା ବିଶ୍ୱଜିତ ସାହୁ, ଅନୁପ ସାହୁ, ରାଜେଶ ପତି, ବିଶିକେସନ ପାଣିଗ୍ରାହୀ, ସୁଶାନ୍ତ ଇନ୍ଦୱାର, ବଣ୍ଟି ଦାସ, ନିକି ମାହାଲି, ଏସ୍.କେ. ସମାକ, ସୁଶୀଲ ପଣ୍ଡା, ସୁଧୀର ଚୌହାନ, ସୁମୀତ ଜିନ୍ଦନ, ସଂଜୟ ତନ୍ତୀ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜାତୀୟ ରାଜପଥ-୫୫ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,(ପିଏନ)- ଜାତୀୟ ରାଜପଥ-୫୫ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ସଂପୃକ୍ତ ଅଧିକାରୀଙ୍କୁ ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ବୁଧବାର ଅପରାହ୍ଣରେ ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏ ସଂପର୍କରେ ଆଲୋଚନା କରିଛନ୍ତି। ଏହି ବୈଠକରେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଉପସ୍ଥିତ ଥିଲେ। ସଂପ୍ରତି ନିର୍ମାଣ ହେବାକୁ ଥିବା କଟକ ଓ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଦେଇ ନୂଆଗାଁ ପର୍ଯ୍ୟନ୍ତ ରାସ୍ତା ଜାତୀୟ ରାଜପଥ-୫୫ ପ୍ରକଳ୍ପର ଅଂଶ ବିଶେଷ । ଏହି ପ୍ରକଳ୍ପର କଟକରୁ ନୂଆଗାଁ ପର୍ଯ୍ୟନ୍ତ ୧୦୬ କି.ମି. ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଦାସ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଡାକି ଏହାର କାର୍ଯ୍ୟାନ୍ୱୟନରେ ଯେଉଁ ସବୁ ସମସ୍ୟା ରହୁଛି, ସେ ସମ୍ପର୍କରେ ଆଲୋଚନା କରିବାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ପ୍ରକଳ୍ପ ଅଧୀନସ୍ଥ ପ୍ରାୟ ୭୮ କି.ମି. ରାସ୍ତା ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ତଥା ଜଗତସିଂହପୁର ଜିଲ୍ଲା ଅନ୍ତର୍ଭୁକ୍ତ ରହିଛି । ଏହି ରାସ୍ତା ଅଂଚଳବାସୀଙ୍କର ଜୀବନରେଖା ସଦୃଶ। ପ୍ରସ୍ତାବିତ ପ୍ରକଳ୍ପ ଅନୁସାରେ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଶେଷ ହେଲେ ଅଂଚଳବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇପାରିବ । ଏଣୁ ସଂପୃକ୍ତ ସମସ୍ତ ଯନ୍ତ୍ରୀ, ଅଧିକାରୀ ପରସ୍ପର ସହିତ ସମନ୍ୱୟ ରଖି ଯେପରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଶିଘ୍ର ଶେଷ ହୋଇପାରିବ, ସେ ସଂପର୍କରେ ମନ୍ତ୍ରୀ ଶ୍ରୀ ଦାସ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସେହିପରି କଟକ ପାରାଦ୍ୱୀପ ରେଲୱେ ଲାଇନ୍‌ର କନ୍ଦରପୁର, ଜଗତସିଂହପୁର-ଜୟପୁର ରୋଡ୍(ଛପଡା), ନିମକଣା, ପାଟପୁର ରେଲୱେ ଲେବେଲ୍ କ୍ରସିଂ ଠାରେ ଓଭରବ୍ରିଜ ଯଥାଶୀଘ୍ର ନିର୍ମାଣ ହେବାର ଆବଶ୍ୟକତା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକୁ ସଂପୃକ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କ ସହିତ ଉପଯୁକ୍ତ ସମନ୍ୱୟ ରଖି ଆଗେଇ ନେବାକୁ ଉପସ୍ଥିତ ପୂର୍ବତଟ ରେଳପଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ସାହୁ, କଟକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ), ରାଜ୍ୟ ରାଜପଥ ମୁଖ୍ୟ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ(ସଡକ), ମୁଖ୍ୟ ଯନ୍ତ୍ରୀ(ଆର୍.ଏସ୍.ଡବ୍ଲୁ) ବି.କେ ମିଶ୍ର,ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିକ୍ରମ କେଶରୀ ଲେଙ୍କା, ଆର୍କିଟେକ୍ନୋ କନଷ୍ଟ୍ରକ୍ସନ(ଇଣ୍ଡିଆ) ପ୍ରା.ଲି.ର ଶ୍ରୀ ପ୍ରଦୀପ୍ତ କୁମାର ପାଲ, ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ ଓ ଜାତୀୟ ରାଜପଥର ଅଧିକାରୀମାନେ ଉପସ୍ଥିତ ଥିଲେ।


## OFFICE OF THE MUNICIPAL COUNCIL : TALCHER

No.750/ Dt.20.03.2020

SHORT TENDER CALL NOTICE

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality. The Tender paper sale & receipt will be during the office hour on payment of paper cost (non refundable) as indicated against each work from dt.21.03.2020 to dt 27.03.2020 upto 1.00 PM and will be opened same day at 3.00 PM in the presence of tenderer of their authorized agent. EMD shall be made in shape of NSC/ BD/KVP/Fix Deposits duly pledged in favour of the Executive Officer, Talcher Municipality @1% of the estimated amount. The original EMD, Money Receipt of T P cost shall be attached with the tender paper failing which the tender shall not be taken into consideration. The copy of upto date contractor incense, GSTIN certificate of affidavit. ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time/postal delay will not entertained.

The authority reserves the right to reject any or all the tenders without assigning any reason thereof.

| Sl. No. | Name of the work | Estimated Cost (Rs.) | Cost of EMD(1%) | Cost of T.P. +GSTIN @5% | Class of Contractor | Period of Completion |
|---|---|---|---|---|---|---|
| 1 | Special Repair to Community Toilet at Leprosy colony in W.No..20 | 1,72,240/- | 1722/- | 630/- | Municipal Contractor | One Calendar month |
| 2 | Special Repair to Community Toilet at Dimargudi Sahi in W.No.17 | 1,86,000/- | 1860/- | 630/- | Municipal Contractor | One Calendar month |
| 3 | Special Repair to Community Toilet at Remuan in W.No..12 | 57,000/- | 570/- | 420/- | Municipal Contractor | One Calendar month |
| 4 | Colour Wahsing & PH works to the Community Toilet building at Bapujee Nagar inW.No.11 | 64,230/- | 642/- | 420/- | Municipal Contractor | One Calendar month |
| 5 | Plinth Protection works to the Community Toilet building at Bapujee Nagar in W.No.11 | 1,95,920/- | 1960/- | 630/- | Municipal Contractor | One Calendar month |
| 6 | PH works to the SUH building near Bus Stand in W.No.11 (Ground Floor) | 1,99,500/- | 1995/- | 630/- | Municipal Contractor | One Calendar month |
| 7 | PH works to the SUH building near Bus Stand in W.No.11 (First Floor) | 1,46,000/- | 1460/- | 630/- | Municipal Contractor | One Calendar month |
| 8 | Providing Aluminium Door to SUH building near Bus Stand in W.No.11 | 1,99,000/- | 1990/- | 630/- | Municipal Contractor | One Calendar month |
| 9 | Providing Aluminium Windows, Partition & PVC door work to SUH building near Bus Stand in W.No.11 | 1,42,162/- | 1422/- | 630/- | Municipal Contractor | One Calendar month |
| 10 | Provision for Aluminium Partition wall along with Urinal Fittings & other Ancilary works to the Toilet inside Office building Talcher Municipality. | 1,00,000/- | 1000/- | 630/- | Municipal Contractor | One Calendar month |
| 11 | Construction of AWC boundary wall at Badadanda Sahi in W.No.1 | 1,61,000/- | 1610/- | 630/- | Municipal Contractor | One Calendar month |
| 12 | Construction of AWC Toilet at Badadanda Sahi inW.No.1 | 1,67,000/- | 1670/- | 630/- | Municipal Contractor | One Calendar month |

Sd/-
Executive Officer
Talcher Municipality


### କଣାସ ବ୍ଲକରେ ୧୩ଟି ପ୍ରାଥମିକ ବିଦ୍ୟାଳୟ ଉଠିଯିବ

# ୨୬ଟି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ ହେବ

କଣାସ, (ପିଏନ)- ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କଟକଣା ଜାରି କରିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ୧୩ଟି ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଏସବୁ ସ୍କୁଲ ସମ୍ପୂର୍ଣ୍ଣ ଉଠିଯିବା ପାଇଁ ନିର୍ଦ୍ଦେଶ ଆସିଛି । ୨୧ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଉକ୍ତ ବିଦ୍ୟାଳୟ ଗୁଡିକ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ସରକାରୀ ନିଷ୍ପତି ହୋଇଥିବାବେଳେ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ଉକ୍ତ ବିଦ୍ୟାଳୟରୁ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀକୁ ବନ୍ଦ କରିଦିଆଯାଇ ଉକ୍ତ ପିଲାମାନଙ୍କୁ ପାଖ ବିଦ୍ୟାଳୟକୁ ନିଆଯିବାପାଇଁ ସରକାରୀ ନିଷ୍ପତି ହୋଇଥିବା ଜଣାପଡିଛି।

ଖବର ନେବାରେ ଜଣାପଡିଛି, ରାଇଗରପୁର ପ୍ରାଥମିକ ବିଦ୍ୟାଳୟ, ପରିମାଣ୍ଡିପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ସାମନ୍ତରାପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ଅଠରବାଟିଆ ପ୍ରକଳ୍ପ ପ୍ରାଇମେରୀ, ହରିପୁର ପ୍ରକଳ୍ପ ପ୍ରାଇମେରୀ, ବୈଦ୍ୟନାଥ ପାଟଣା ପ୍ରକଳ୍ପ ପ୍ରାଇମେରୀ, ଟିମେଇପୁର ପ୍ରକଳ୍ପ ପ୍ରାଇମେରୀ, ଦେଇପୁର ପ୍ରାଇମେରୀ, ମାଳିସାହି ପ୍ରକଳ୍ପ ପ୍ରାଇମେରୀ, କବରେଶ୍ୱର ପ୍ରକଳ୍ପ ପ୍ରାଇମେରୀ, ସିରିଆପଡା ପ୍ରକଳ୍ପ ପ୍ରାଇମେରୀ, ଜଗନ୍ନାଥ ପ୍ରକଳ୍ପ ପ୍ରାଇମେରୀ, ମା କାମେଶ୍ୱରୀ ପ୍ରକଳ୍ପ ପ୍ରାଇମେରୀ ବାଦଲପୁର, ଗଡବରପଦା ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀଥିବାରୁ ଏହି ବିଦ୍ୟାଳୟ ଗୁଡିକ ବନ୍ଦ କରିଦିଆଯିବା ପାଇଁ ସରକାରୀ ନିଷ୍ପତି ହୋଇଛି । ସେହିପରି ବ୍ରହ୍ମପଡା ପ୍ରକଳ୍ପ ପ୍ରାଇମେରୀ, ଓଗାଳପୁର ପ୍ରାଥମିକ ବିଦ୍ୟାଳୟ, ରତନପୁର ପ୍ରାଥମିକ ବିଦ୍ୟାଳୟ, କାଳୀଘଡି ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରମାପାଟପୁର ପ୍ରାଥମିକ ବିଦ୍ୟାଳୟ, ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟ, ବୀରକେଶରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଅଶ୍ୱଥପରୀ ପ୍ରାଥମିକ ବିଦ୍ୟାଳୟ, ଢୋଲପାଟଣା ପ୍ରାଥମିକ ବିଦ୍ୟାଳୟ, କଅଁରପୁର ପ୍ରାଥମିକ ବିଦ୍ୟାଳୟ, ବିଲପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଦାମୋଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଗିପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ମାଟିଆପଡା ନୂଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଘରଝିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବାଲିପଡା ପ୍ରାଥମିକ ବିଦ୍ୟାଳୟ, ଓହ୍ଳାଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଟଣମଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ହଳଦୀପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କଣ୍ଣପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କାତପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଉକ୍ତ ୨୧ ଯାକବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହିତ ମିଶାଇ ଦିଆଯିବ ବୋଲି ସରକାରୀ ନିଷ୍ପତି ହୋଇଥିବା ଜଣାପଡିଛି।

ସେହିପରି ବେହେଂଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡେଲାଙ୍ଗ ଚାରିପାଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଲରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୈତ୍ରତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଚାର୍ଯ୍ୟ ହରିହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ଉକ୍ତ ୫ଟି ବିଦ୍ୟାଳୟରୁ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀକୁ ଉଠାଇ ନିଆଯାଇ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ କରିଦିଆଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତି ହୋଇଥିବା କଣାସ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ମୀନକେତନ ସାମନ୍ତରାୟଙ୍କ ଠାରୁ ପ୍ରକାଶ।

# ଫୁଲବାଣୀ ମ୍ୟୁନିସପାଲଟିରେ ଆବାସ ଗୃହ କାମ ଧିମାଗତିରେ ଚାଲିଛି

କନ୍ଧମାଳ,(ପିଏନ)- ସରକାର ସହରାଂଚଳରେ ଥିବା ଗରୀବ ବାସହୀନ ଲୋକଙ୍କୁ ସହରାଂଚଳ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଉଛି ହେଲେ ଘରକାମ କିପରି ଚାଲିଛି ହେଉଛି କି ନାହିଁ ତା'ର ତଦାରଖ ଯନ୍ତ୍ରୀ କରୁନାହାଁନ୍ତି। ପିସି ପାଇ ଚୁପ ବସିଛନ୍ତି ଯନ୍ତ୍ରୀ। ଫଳରେ ଘରକାମ ଅଧାପନ୍ତୁରିଆ ଅବସ୍ଥାରେ ପଡିଛି ତ ଆଉ କେଉଁଠି ଆରମ୍ଭ ହୋଇନି। ଏପରିସ୍ଥଳେ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନି। ଗତ ୩ ବର୍ଷରେ ଫୁଲବାଣୀ ମ୍ୟୁନିସପାଲଟି ୩୬୦ ଜଣ ଗରୀବ ହିତାଧିକାରୀଙ୍କୁ ଚିହ୍ନଟ କରି ବାସଗୃହ ଲାଗି କାର୍ଯ୍ୟାଦେଶ ଦେଇଥିଲେ। ହେଲେ ସରିଛି ମାତ୍ର ୧୧୦ଟି କୁଆଡେ। ସେଥିରେ ପୁଣି ଦୁର୍ନିତୀ ହୋଇଥିବା ଅଭିଯୋଗ ହେଉଛି। ପିସି ଦଦେଲେ ଯନ୍ତ୍ରୀ ବିଲ କରୁନଥିବା ଅଭିଯୋଗ ମଧ୍ୟ ହୋଇଛି। ଆଉକିଛି କାମ ନସରିଥିଲେ ମଧ୍ୟ ବିଲ ପଇଠ କରାଯାଇଥିବା ଅଭିଯୋଗ ଆସିଥିଲା ଯନ୍ତ୍ରୀଙ୍କ ନାଁରେ।

୨୦୧୭-୧୮ ବର୍ଷରେ ୧୪୪ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାଲାଗି ଚିହ୍ନଟ କରାଯାଇଥିଲେ ମଧ୍ୟ ୧୨୪ ଜଣଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ସେଥିରୁ ମାତ୍ର ୪୫ଟିର କାର୍ଯ୍ୟ ସରିଛି। ୭୯ ଘର କାମ ଚାଲିଛି। ୧୨ଟି ଫାଉଣ୍ଡେସନ ଲେବୁଲରେ ରହିଯାଇଛି। ୨୦୧୮-୧୯ ରେ ୧୨୬ଟି ଘର ନିର୍ମାଣ ପାଇଁ ହିତାଧିକାରୀ ଚୟନ କରାଯାଇଥିଲା। ୧୦୦ ଜଣଙ୍କୁ କିନ୍ତୁ କାର୍ଯ୍ୟାଦେଶ ମିଳିଥିଲା। ସେଥିମଧ୍ୟରୁ ୪୪ଟିର କାମ ସରିଥିବା ବେଳେ ୫୬ଟିର କାମ ଚାଲିଥିବା କୁହାଯାଉଛି। ଆଉ କେତୋଟି ଘରକାମ ଆରମ୍ଭ ହୋଇନି ଏଯାଏଁ। ୨୦୧୯-୨୦ ରେ ୧୭୮ ଜଣଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ୧୧୬ ଜଣଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ସେଥିରୁ ୨୧ଟିର କାମ ସରିଥିବା ବେଳେ ୯୫ଟିର ଘରକାମ ଚାଲିଛି। ୧୦ଟିରେ ଫାଉଣ୍ଡେସନରେ ଅଟକିଛି। ଯନ୍ତ୍ରୀ ଓ ହିତାଧିକାରୀଙ୍କ ମଧ୍ୟରେ ତାଳମେଳ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ସରକାର ପୁଣି ୪ ମାସ ମଧ୍ୟରେ ଘରକାମ ସାରିଲେ ୨୦ ହଜାର ଟଙ୍କା ବୋନସ୍ ଓ ୬ ମାସ ମଧ୍ୟରେ ଘରକାମ ସାରିଲେ ୧୦ ହଜାର ଟଙ୍କା ବୋନସ୍ ଦେବାର ମଧ୍ୟ ବ୍ୟବସ୍ଥା ରଖିଛନ୍ତି। ଏତେସବୁ ବ୍ୟବସ୍ଥା ଥିବା ସତ୍ୱେ ପୌର ପରିଷଦରେ ଆବାସ ଯୋଜନା କାହିଁକି ଧିମାଇଛି ଜଣାପଡୁନି। ଉପଯୁକ୍ତ ତଦାରଖ କରାଯାଉନଥିବା ଫଳରେ ଆବାସ ଘରକାମ ପଛରେ ପଡିଯାଇଛି। ଲକ୍ଷ୍ୟ ପୂରଣ ହୋଇପାରୁନି। ଅନ୍ୟପଟରେ ଯନ୍ତ୍ରୀ ଓ କର୍ମଚାରୀମାନେ କୁଆଡେ ପିସି ମାଗୁଥିବା ଶୁଣିବାକୁ ମିଳୁଛି। ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ଏବେ ନିକଟରେ କାର୍ଯ୍ୟରେ ଯୋଗ ଦେଇଥିବାରୁ ସେ ଏଥିପ୍ରତି ଦୃଷ୍ଟି ଦେବେ, ଆବାସ ଯୋଜନା ଗୃହକାର୍ଯ୍ୟ ଶିଘ୍ର ଯେପରି ସରିବ ସେନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

### ମାଲକାନଗିରି ମହାବିଦ୍ୟାଳୟରେ କରୋନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, (ପିଏନ)- ମାଲକାନଗିରି ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଶାଖା ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କରୋନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ବନ୍ଦଥିଲାବେଳେ +୨ ଦ୍ୱିତୀୟ ବର୍ଷର ପରୀକ୍ଷା ଚାଲୁରହିଛି। ପରୀକ୍ଷା ପରେ ପରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଏକ ପୋଷ୍ଟର ବ୍ୟାନର ମାଧ୍ୟମରେ କରୋନା ସଂକ୍ରମଣରୁ ରକ୍ଷା ପାଇବାର ଉପାୟମାନ ଜଣାଯାଇଥିଲା। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ହାତ ଧୋଇବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଗ୍ରହଣ କରାଯାଉଥିଲେ ମଧ୍ୟ ହାତ ଧୋଇବାର ପ୍ରକୃତ ପ୍ରକ୍ରିୟା ସମସ୍ତଙ୍କୁ ଜଣାନଥାଏ। ତେଣୁ ଯୁବ ରେଡ଼କ୍ରସ ତରଫରୁ ହାତ ଧୋଇବାର ସମସ୍ତ ପ୍ରକ୍ରିୟାକୁ ଜଣାଇବା ସହିତ ହାତଧୋଇବା ପାଇଁ ପ୍ରେରିତ କରାଯାଇଥିଲା। ସମସ୍ତ ପରୀକ୍ଷାର୍ଥୀମାନେ ହାତ ଧୋଇବାର ପ୍ରକ୍ରିୟାକୁ ଶିକ୍ଷା କରିବା ସହିତ ସେହି ପ୍ରକ୍ରିୟାରେ ହାତ ଧୋଇଥିଲେ।

# ୫୦ଫୁଟ ତଳକୁ ଖସିଲା ଟ୍ରକ ଅଳ୍ପକେ ବଂଚିଲା ଚାଳକ



ନେଉଳପୁର, ୧୯/୩(ପି.ଏନ)-ଦ୍ରୁତ ଓ ବେପୁରୁଆ ଭାବେ ଗାଡି ଚାଳନା ଯୋଗୁ ଗତକାଲି ରାତିରେ ଏକ ଟ୍ରକ ପୋଲ ତଳକୁ ଖସି ପଡିଥିବା ଜଣାପଡିଛି। ପୋଲ ତଳକୁ ଖସିଲା ପରେ ଟ୍ରକଟି ସଂପୂର୍ଣ୍ଣ ଭାବେ ଭାଙ୍ଗିରୁଜଯାଇଛି। କିନ୍ତୁ ଟ୍ରକର ଚାଳକ ଅଳ୍ପକେ ବଂଚି ଥିବାର ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଚଣ୍ଡିଖୋଲ ନିକଟ ଖୋସାଲିପୁର ହାଇଲେବୁଲ କେନାଲ ଉପରେ ଥିବା ପୋଲର ବାଡା ଗୁଡିକ ଦୀର୍ଘଦିନ ହେବ ଦୁର୍ବଳ ହୋଇ ରହୀଅଛି। ଗତ କୀଛଦିନ ତଳେ ଏହିପରି ଏକ ଟ୍ରକଟି ଭାରସାମ୍ୟ ହରାଇ ପୋଲର କୀଛି ବାଡା ଭାଙ୍ଗି ଓହଳି ରହୀଥିଲା। ଗତକାଲି ସେହିଭଳି ଚଣ୍ଡିଖୋଲ ପଟୁ ଡୁବୁରୀ ଆଡକୁ ଯାଉଥିବା ଟ୍ରକଟି ରାସ୍ତାର ଡାହାଣ ପଟକୁ ଦ୍ରୁତ ଗତିରେ ମାଡିଯାଇ କୌଣସି କାରଣରୁ ବାରସାମ୍ୟ ହରାଇ ପୋଲର ବାଡାଭାଙ୍ଗି ତଳକୁ ଖସି ପଡିଥିଲା। ଏତେ ବଡ ଦୁର୍ଘଟଣା ସତ୍ୱେ ଚାଳକଟି ସାମାନ୍ୟ ଆହତ ହୋଇ ମୃତ୍ୟୁ ମୁଖରୁ ବଂଚି ଯାଇଥିଲା। ଏହି ପୋଲ ଉପରେ ବାରମ୍ବାର ଏପରି ଦୁର୍ଘଟଣାର କାରଣ ଓ ବାଡା ଗୁଡିକୁ ମଜଭୁତ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

# ଅବହେଳିତ ଅବସ୍ଥାରେ ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ କ୍ରାନ୍ତି ପୀଠ ଡ଼େଲିଙ୍ଗି ବନ୍ଧ

ବାରିପଦା, (ପିଏନ)- ଓଡ଼ିଶା ରାଜ୍ୟର ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ଭାବେ ପରିଗଣିତ ହେଉଥିବା ମୟୂରଭଞ୍ଜର ଇତିହାସକୁ ତର୍ଜମା କଲେ ବହୁ ଲୁକ୍କାୟିତ ଗାରିମାମୟ ଘଟଣାବଳୀ ଲୋକ ଲୋଚନକୁ ଆସିପାରିବ । ଯାହା ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ ନାହିଁ । ସେଥି ମଧ୍ୟରୁ କପ୍ତିପଦା ଉପଖଣ୍ଡର ଶିଳାଘାଟି ପଂଚାୟତର ଡେଲିଙ୍ଗି ବନ୍ଧ ଅନ୍ୟତମ । ଉକ୍ତ ବନ୍ଧ ନିର୍ମାଣ ସମୟରେ ସଂଗଠିତ ବିପ୍ଳବ ମୟୂରଭଞ୍ଜ ଇତିହାସରେ ଏକ ଗାରିମାମୟ ଅଧ୍ୟାୟ ।

ଭାରତରେ ବ୍ରିଟିଶ ଶାସନ ଚାଲିଥିବା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ବ୍ରିଟିଶ ସରକାରଙ୍କର ଏକ କରଦ ରାଜ୍ୟ ଭାବେ ଶାସିତ ହେଉଥିଲା । ଯେଉଁ ରାଜ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଳି ପ୍ରବଳ ପ୍ରତାପୀ ପ୍ରଜାନୁରାଗୀ ମହାରାଜା ଶାସନ ଭାର ଗ୍ରହଣ କରି କେବଳ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ନୁହେଁ ଓଡ଼ିଶା ତଥା ବିଭିନ୍ନ ଗଡ଼ଜାତ ରାଜ୍ୟରେ ଲୋକପ୍ରିୟତାର ଶେଷ ସୋପାନକୁ ସ୍ପର୍ଶ କରି ସୁନାମ ଅର୍ଜନ କରିପାରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ବ୍ରିଟିଶ ଶାସକଙ୍କ କୂଟନୀତିର ଶୀକାର ହେବା ଆରମ୍ଭ ହୋଇ ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ଆଧିପତ୍ୟ ବୃଦ୍ଧି ପାଇଥିଲା । ଯାହାଫଳରେ ରାଜ୍ୟରେ ପ୍ରଜାଙ୍କ ସହିତ ମହାରାଜାଙ୍କ ପୂର୍ବରୁ ରହିଆସିଥିବା ସୁସମ୍ପର୍କରେ ବିରାଟ ଫାଙ୍କ ଦେଖାଦେଇଥିଲା । ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର କେତେକ ସର୍ଦ୍ଦାର, ପାଇକ ପ୍ରଧାନ, ଜମିଦାର ଓ ଦୁର୍ନୀତି ଗ୍ରସ୍ତ ରାଜଦରବାରର କର୍ମଚାରୀମାନଙ୍କ ଆଧିପତ୍ୟ ବିସ୍ତାର ହୋଇଥିଲା ଏବଂ ଶାସନ ବ୍ୟବସ୍ଥାରେ ମହାରାଜାଙ୍କ ଶାସନ କ୍ଷମତା ସଙ୍କୋଚିତ ହେବା ଦ୍ୱାରା ଏହି ଧରଣର ଗୋଷ୍ଠୀମାନଙ୍କ ପଥ ପରିଷ୍କାର ହୋଇଥିଲା । ଦୀର୍ଘ ବର୍ଷର ରାଜତନ୍ତ୍ର ଶାସନରେ ପ୍ରଥମ ଥର ଆରମ୍ଭ ହୋଇଥିଲା ପ୍ରଜାପୀଡ଼ନ । ୧୯୪୦ ସମୟରେ ପ୍ରାୟ ସମସ୍ତ ଗଡ଼ଜାତ ରାଜ୍ୟଗୁଡ଼ିକରେ ମହାରାଜା ଓ ରାଜାମାନଙ୍କ ବିରୋଧରେ ମୁଣ୍ଡ ଟେକି ଉଠିଲା ପ୍ରଜା ଆନ୍ଦୋଳନ। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ପ୍ରତିଫଳିତ ହୋଇଥିଲା । ୧୯୪୨ ଅଗଷ୍ଟ ୯ ଭାରତ ଛାଡ଼ ଆନ୍ଦୋଳନ ସମୟକୁ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ପ୍ରଜା ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କ୍ଷମତା ଚାଲିଯିବା ଭୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଇଂରେଜ ସରକାରଙ୍କ ସହାୟତା ଲୋଡ଼ିବା ଫଳରେ ବ୍ରିଟିଶ ସରକାର ମହାରାଜାଙ୍କ ସହ ପ୍ରଜାମାନଙ୍କୁ ଶୋଷଣ କରିବାର ରାସ୍ତା ଫିଟି ଯାଇଥିଲା । ଆନ୍ଦୋଳନକାରୀମାନଙ୍କୁ ମେଳିଆ ବୋଲି ଆଖ୍ୟା ଦେଇ ପ୍ରଜାମଣ୍ଡଳର ବିଭିନ୍ନ ସଂସ୍କାରଧର୍ମୀ ଜନହିତକର କାର୍ଯ୍ୟଗୁଡ଼ିକୁ ପ୍ରତିହତ କରାଇବା ଉଦ୍ଦେଶ୍ୟରେ ରାଜକର୍ମଚାରୀମାନେ ବଳ ପ୍ରୟୋଗ ସହିତ ନିର୍ଯ୍ୟାତନା ଦେବାକୁ ପଛାଇନଥିଲେ । ଏହି ସମୟରେ କୃଷି ମରୁଡ଼ି ଦାଉରୁ ଚାଷ ଜମିକୁ ବଂଚାଇବା ଉଦ୍ଦେଶ୍ୟରେ କପ୍ତିପଦା ଉପଖଣ୍ଡର ଖୁଂଟା ନିକଟବର୍ତ୍ତି ଶିଳାଘାଟିଠାରେ କିମ୍ବୀରାହୁଡ଼ି ଓ ଭାଗିରଥୀହୁଡ଼ି ଦୁଇଟି କ୍ଷୁଦ୍ର ପାହାଡିଆ ସ୍ଥାନକୁ ଯୋଡ଼ି ବନ୍ଧ ବାନ୍ଧି ଜଳ ଭଣ୍ଡାର ନିର୍ମାଣର ଲକ୍ଷ୍ୟ ନେଇ ପ୍ରଜାମଣ୍ଡଳର କର୍ମକର୍ତ୍ତାମାନେ ଆଗେଇ ଆସିଥିଲେ । ବନ୍ଧ ନିର୍ମାଣ ହେଲେ ଚାଷୀମାନଙ୍କ ଜମିରେ ଜଳସେଚନ ଦ୍ୱାରା ବିଭିନ୍ନ ଫସଲ ଉତ୍ପାଦନ ସମ୍ଭବ ହେବା ସାଙ୍ଗକୁ ଶସ୍ୟ ଶ୍ୟାମଳା ହୋଇପାରିବ । ଉକ୍ତ ପ୍ରସ୍ତାବକୁ ପ୍ରଜା ମଣ୍ଡଳ ସମ୍ମୁଖରେ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଜଗନ୍ନାଥ କାମିଲା, ଗିରୀଶ ଚନ୍ଦ୍ର ରାୟ, ପୂର୍ଣ୍ଣ ପରିଚ୍ଛା ଓ ହାରାଚାନ୍ଦ ହାଁସଦାଃ ପ୍ରମୁଖ ଉପସ୍ଥାପନ କରିଥିଲେ। ହେଲେ ବ୍ରିଟିଶ ସରକାରଙ୍କ ପ୍ରରୋଚନାରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଫଳସ୍ୱରୂପ ସ୍ୱାଭିମାନୀ ପ୍ରଜାମଣ୍ଡଳର କର୍ମକର୍ତ୍ତାମାନେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାଙ୍କ ବିନା ସହଯୋଗ ଓ ସହାୟତାରେ ବନ୍ଧ ନିର୍ମାଣ କରିବା ନିମନ୍ତେ ନିଷ୍ପତି ନେବା ସହ କାର୍ଯ୍ୟ ଶୁଭାରମ୍ଭ ନିମନ୍ତେ ଦିନ ଓ ସମୟ ଧାର୍ଯ୍ୟ କରିଥିଲେ । ୧୯୪୨ ମାର୍ଚ୍ଚ ୨୪ ପ୍ରଜାମଣ୍ଡଳ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ହାତରେ ଝୁଡ଼ି ଓ କୋଦାଳ ଧରି ବନ୍ଧ ନିର୍ମାଣ ସ୍ଥଳକୁ ଛୁଟି ଆସିଥିଲେ । ଆଦିବାସୀ ମହିଳା ନେତ୍ରୀ ଲୁସା ମାଝିଙ୍କ ନେତୃତ୍ୱରେ ଆଦିବାସୀ ମହିଳାମାନେ ସଂଗଠିତ ହୋଇ ଆସି ପହଁଚିଥିଲେ । ସ୍ୱାଧୀନତା ସଂଗ୍ରାମୀ ଗିରୀଶ ଚନ୍ଦ୍ର ରାୟ ପ୍ରଥମ ମାଟି ଝୁଡ଼ି ପକାଇ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବା ପରେ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଥିଲେ । ଏହି ସମୟରେ ଗାନ୍ଧୀଜୀଙ୍କ ଜୟ ଜୟକାର ଧ୍ୱନୀ ସହିତ ବନ୍ଦେ ମାତରମ୍ ସଙ୍ଗୀତ ଗଗନ ପବନକୁ ପ୍ରକମ୍ପିତ କରାଇ ଦେଇଥିଲା । ପୂର୍ଣ୍ଣ ପରିଚ୍ଛାଙ୍କ ତେଜସ୍ୱିନୀ ସ୍ଲୋଗାନ ଏବଂ ମୁହଁରେ ଚୁଙ୍ଗା ଲଗାଇ କ୍ରାନ୍ତିକାରୀ ଆହ୍ୱାନ ସମସ୍ତ ଜନତାଙ୍କ ମଧ୍ୟରେ ନୂଆ ଉନ୍ମାଦନା ଭରି ଦେଇଥିଲା । ମାତ୍ର ୮ ଦିନରେ ଅର୍ଥାତ୍ ଏପ୍ରିଲ ୧ରେ ବନ୍ଧର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସମୟରେ ମହାରାଜା ପ୍ରତାପଚନ୍ଦ୍ରଙ୍କ ଦୁଇ ପୁତ୍ର ବନ୍ଧ ନିର୍ମାଣରେ ସାଧାରଣ ଶ୍ରମିକ ଭାବେ କାର୍ଯ୍ୟ କରିଥିବାର ଜଣାପଡ଼ିଛି । ୧୯୪୭ ଅଗଷ୍ଟ ୧୫ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ଜାନୁଆରୀ ୧ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ହୋଇ ଜାନୁଆରୀ ୨ରୁ ଓଡ଼ିଶାର ସ୍ୱତନ୍ତ୍ର ଜିଲ୍ଲା ଭାବେ ଶାସିତ ହୋଇ ଆସୁଛି । ଡେଲିଙ୍ଗି ବନ୍ଧ ନିର୍ମାଣ ୨୦୨୦ ଏପ୍ରିଲ ୧ରେ ୭୮ ବର୍ଷ ପୂରିବାକୁ ଯାଉଥିବା ବେଳେ ଏହା ମାଇନର ଇରିଗେସନ ଅଧିନରେ ରହିଥିବାର କୁହାଯାଉଛି । ମାତ୍ର ମାଙ୍କଡ଼ ହାତରେ ଶାଳଗ୍ରାମ ସଦୃଶ ପ୍ରଜା ଆନ୍ଦୋଳନର ସଂଗ୍ରାମୀମାନଙ୍କ ଅନେକ ସ୍ମୃତିକୁ ବହନ କରିଆସୁଥିବା ଏହି ଡେଲିଙ୍ଗିବନ୍ଧ ଆଜି ଅବହେଳିତ । ରାଜ୍ୟ ସରକାର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ଅପାରଗତା କାରଣରୁ ଏହି ବନ୍ଧ ଚାଷୀମାନଙ୍କର କାର୍ଯ୍ୟରେ ବିଶେଷ ଭାବେ ଆସୁନାହିଁ । ସଂଗ୍ରାମ ବିନା ଜୀବନ ଜୀବନ ନୁହେଁ, ନିଷ୍ଠା, ସାଧନା ଓ ଧୈର୍ଯ୍ୟ ଥିଲେ ସଫଳତା ସୁନିଶ୍ଚିତ ବୋଲି ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀମାନେ ପ୍ରମାଣ କରିଦେଇଯାଇଛନ୍ତି । ଏଣୁ, ରକ୍ତତୀର୍ଥ ଇରମ୍, ଲବଣ ତୀର୍ଥ ଇଂଚୁଡ଼ି, ଚଷାଖଣ୍ଡ ପରି ମୟୂରଭଞ୍ଜର ଅନନ୍ୟ କ୍ରାନ୍ତିପୀଠ ଭାବେ ପରିଚିତ ଡେଲିଙ୍ଗି ବନ୍ଧକୁ ଏକ ଐତିହାସିକ ସ୍ମାରକୀ ଓ ପର୍ଯ୍ୟଟନସ୍ଥଳ ରୂପେ ଘୋଷଣା ସହ ଏହାର ପୁନଃଉଦ୍ଧାର କରାଯିବାର ଆବଶ୍ୟକତା ରହିଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक





## କରୋନା ମୁକାବିଲା ପାଇଁ କିଟ୍ ଓ କିସ୍ ପକ୍ଷରୁ ସଚେତନତା ଅଭିଯାନ

ଭୁବନେଶ୍ୱର: କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ କରୋନା ପ୍ରତି ସମଗ୍ର ରାଜ୍ୟରେ ସଚେତନତା ସୃଷ୍ଟି କରାଯିବା ନେଇ ପ୍ରୟାସ ଆରମ୍ଭ ହୋଇଛି। ଏଥି ପାଇଁ କିଟ୍‌ର ୫ହଜାର ଅଣଶିକ୍ଷକ କର୍ମଚାରୀଙ୍କୁ ସର୍ବୈତନିକ କର୍ମଚାରୀଙ୍କୁ ଛୁଟି ଦିଆଯାଇ ନିଜ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଜ ବ୍ଲକ୍ ଓ ପଞ୍ଚାୟତ ତଥା ଗ୍ରାମରେ ଲୋକମାନଙ୍କୁ କରୋନା ସଂପର୍କରେ ସଂଚେତନ ହେବାକୁ ପରାମର୍ଶ ଦେବେ। ସେହିପରି କିସ୍‌ର ୧୫ ହଜାର ସ୍ନାତକ ଓ ଅନ୍ୟ ବରିଷ୍ଠ ଛାତ୍ରଛାତ୍ରୀଙ୍କୁ ମଧ୍ୟ ନିଜ ନିଜ ଗ୍ରାମ, ଜନଜାତି ସଂପ୍ରଦାୟ, ପଞ୍ଚାୟତ ଓ ବ୍ଲକ୍‌ରେ କରୋନା ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। କିଟ୍‌ର କର୍ମଚାରୀ ଏବଂ କିସ୍‌ର ଛାତ୍ରଛାତ୍ରୀମାନେ ନିଜ ନିଜ ବ୍ଲକ୍ ଓ ପଞ୍ଚାୟତରେ ପ୍ରଶିକ୍ଷଣ ଓ ଲୋକଙ୍କ ମଧ୍ୟରେ କରୋନା ସଚେତନତା ବାର୍ତ୍ତା କିଭଳି ଠିକ୍ ଭାବେ ପହଞ୍ଚି ପାରିବ ସେଥିପାଇଁ କାର୍ଯ୍ୟରେ ଲାଗିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ବର୍ତ୍ତମାନ ସମୟରେ କରୋନାର ମୁକାବିଲା ପାଇଁ ତୃଣମୂଳସ୍ତରରେ ସ୍ଥାନୀୟ ଲୋକ ଓ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏହା ସହିତ ଓଡ଼ିଶାର ୩୦ଟି ଜିଲ୍ଲାରେ ଥିବା କିସ୍‌ର ଜିଲ୍ଲା ସଂଯୋଜକ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

## ଜିଓର ଚାରିଟି ଡାଟା ଭାଉଚର୍‌ରେ ମିଳିବ ଦୁଇ ଗୁଣା ଅଧିକ ଡାଟା, ଅତିରିକ୍ତ ଅଣ-ଜିଓ ଟକ୍‌ଟାଇମ୍

ଭୁବନେଶ୍ୱର: ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ ସମୟରେ ମୋବାଇଲ୍ ଡାଟା ବ୍ୟବହାରକାରୀଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତା ନେଇ ଜିଓ ପକ୍ଷରୁ ୪ଜି ଡାଟା ଭାଉଚରରେ ଗ୍ରାହକମାନଙ୍କୁ ମିଳୁଥିବା ଲାଭରେ ଦୁଇ ଗୁଣା ବୃଦ୍ଧି କରାଯାଇଛି। ଏହି ଭାଉଚର୍‌ଗୁଡ଼ିକରେ ମିଳୁଥିବା ଡାଟା ପରିମାଣକୁ ଦ୍ୱିଗୁଣିତ କରାଯାଇଥିବା ବେଳେ ଅତିରିକ୍ତ ଅଣ-ଜିଓ ଟକ୍‌ଟାଇମ୍‌ର ସୁବିଧା ଯୋଗ କରାଯାଇଛି। ଅପ୍‌ଗ୍ରେଡ୍ କରାଯିବା ପରେ ଜିଓର ୧୧ ଟଙ୍କା, ୨୧ ଟଙ୍କା, ୫୧ ଟଙ୍କା ଓ ୧୦୧ ଟଙ୍କାର ଡାଟା ଭାଉଚରରେ ଏବେ ଯଥାକ୍ରମେ ୮୦୦ ଏମ୍‌ବି, ୨ ଜିବି, ୬ ଜିବି ଓ ୧୨ ଜିବିର ହାଇ ସ୍ପିଡ୍ ଡାଟା ମିଳିବ। ଏହି ଭାଉଚର୍‌ଗୁଡ଼ିକରେ ଅଣ ଜିଓ ନମ୍ବରକୁ କଲ୍ କରିବା ଲାଗି ଅତିରିକ୍ତ ଟକ୍‌ଟାଇମ୍ ଯୋଗ କରାଯାଇଛି। ଏହି ଚାରିଟି ଭାଉଚର୍‌ରେ ଅଣ ଜିଓ ନମ୍ବରକୁ କଲ୍ କରିବା ଲାଗି ଯଥାକ୍ରମେ ୭୫, ୨୦୦, ୫୦୦ ଓ ୧୦୦୦ ମିନିଟ୍‌ର ଅତିରିକ୍ତ ଟକ୍ ଟାଇମ୍ ପ୍ରଦାନ କରାଯାଉଛି। ବ୍ୟବସାୟିକ ସଂସ୍ଥାଗୁଡ଼ିକ ସେମାନଙ୍କ କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବା ଲାଗି ଉତ୍ସାହିତ କରୁଥିବା ବେଳେ ପ୍ରଯୁକ୍ତି ଜରିଆରେ ସମ୍ପର୍କରେ ରହି ଆଲୋଚନା କରିବା ଏବଂ ଆମୋଦପ୍ରମୋଦ ଲାଗି ପରିବାରଗୁଡ଼ିକର ଡାଟା ଆବଶ୍ୟକତା ବଢ଼ିଯାଇଛି।

## ଓଡ଼ିଶା ଆଣିବ ନୂଆ ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୧




ଭୁବନେଶ୍ୱର: ରାଜ୍ୟ ସରକାର ଏକ ନୂଆ ଖାଦ୍ୟ ପ୍ରକ୍ରିୟାକରଣ ନୀତି ଆଣିବା ଉପରେ କାର୍ଯ୍ୟ କରୁଛନ୍ତି। ଶେଷ ଥର ଲାଗି ୨୦୧୬ରେ ଏକ ନୀତି ଘୋଷଣା କରାଯାଇଛି। ଏବେ ଆଉ ଏକ ନୂଆ ନୀତି ପ୍ରସ୍ତୁତ କରାଯାଉଛି ଯାହାକୁ ଖୁବଶୀଘ୍ର ଉଦ୍‌ଘାଟନ କରାଯିବ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ, ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ, ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ଇଣ୍ଡିଆ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଆଜି ହୋଟେଲ୍ ମେ'ଫେୟାର ଠାରେ ଆୟୋଜନ କରାଯାଇଥିବା ଫୁଡ୍ ଟେକ୍ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରି ସେ ଏହି ସୂଚନା ଦେଇର୍ଛନ୍ତି। ଶ୍ରୀ ମିଶ୍ର କହିର୍ଛନ୍ତି, ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୧କୁ ଆମେ ଆହୁରି ଉନ୍ନତ ଧରଣର କରିବାକୁ ଚାହୁଁଛୁ। ସେଥିପାଇଁ ଆମେ ସମସ୍ତ ଅଂଶୀଦାରଙ୍କୁ ମତାମତ ପଠାଇବାକୁ ଅନୁରୋଧ କରୁଛୁ। ଯେହେତୁ ଆସ'। ୩-୫ ବର୍ଷ ଭିତରେ କେବଳ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ୩୩ ବିଲିଅନ୍ ଡଲାର ଭଳି ବୃହତ ଆକାରର ହେବାକୁ ଯାଉଛି ତେଣୁ ସେଥିରୁ ଯେଉଁ ସୁଯୋଗ ସୃଷ୍ଟି ହେବ ତାହାର ଲାଭ ଉଠାଇବା ଲାଗି ଆମ ରାଜ୍ୟର ଯୁବପିଢ଼ି ଏବଂ ଉଦ୍ୟୋଗୀମାନଙ୍କୁ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ସେ କହିର୍ଛନ୍ତି। ରାଜ୍ୟରେ ଥିବା ସୁଯୋଗ ସମ୍ପର୍କରେ ଆଲୋଚନାକରି ସେ କହିର୍ଛନ୍ତିଯେ, ' କଳାହାଣ୍ଡି ଜିଲ୍ଲାରେ ଚାଷୀମାନେ ଗୋବର ଦେଇ ଅର୍ଗାନିକ ଉପାୟରେ ଲାଲମହଲ ଚାଉଳ ଚାଷ କରୁଛନ୍ତି ଯାହା ଚଢ଼ା ଦରରେ ବଜାରରେ ବିକ୍ରି ହେଉଥିବା ବାସମତି ଚାଉଳ ଠାରୁ ଅନେକ ଗୁଣରେ ଭଲ। ତାହାର ପାଚନ ଶକ୍ତି ବହୁତ ଭଲ ଥିବା ବେଳେ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ହିତକର। କିନ୍ତୁ ଚାଷୀ କିମ୍ବା ଉଦ୍ୟୋଗୀମାନେ ତାକୁ ଏକ ବ୍ରାଣ୍ଡ୍‌ରେ ପରିଣତ କରିପାରିନାହାଁନ୍ତି। ସେଥିପାଇଁ ତାହା ସେହି ଜିଲ୍ଲା ଭିତରେ ସୀମିତ ରହିଯାଇଛି। ଆମକୁ ଏଭଳି ଧରଣର ସ୍ୱତନ୍ତ୍ର କୃଷିଜାତ ଉତ୍ପାଦକୁ ଖୋଜି ବାହାରକରି ତାହାକୁ ଜାତୀୟ ଓ ଆ'ର୍ଜାତିକ ବଜାରରେ ପହଂଚାଇବା ଲାଗି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିର୍ଛନ୍ତି।ଏହି ଅବସରରେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ, ମନ୍ମଥ କୁମାର ପାଣି କହିର୍ଛନ୍ତି ଯେ, ' ଶସ୍ୟ ଜାତୀୟ କୃଷିରେ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି। ଏହା ଚାଷୀଙ୍କ ଆୟରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିବ। ଓଡ଼ିଶା ୧୦.୭୬ ଟନ୍ ଖାଦ୍ୟ ଶସ୍ୟ, ୯୦ ଲକ୍ଷ ଟନ୍ ପନିପରିବା, ୨୧ ଲକ୍ଷ ଟନ୍ ପ୍ରମୁଖ ଖାଦ୍ୟଶସ୍ୟ, ୩.୫ ଲକ୍ଷ ଟନ୍ କନ୍ଦମୂଳ, ୦.୮୮ ଲକ୍ଷ ଟନ୍ କାଜୁ, ୧୩ ଲକ୍ଷ ଟନ୍ ଟମାଟୋ ଏବଂ ୫ ଲକ୍ଷ ଟନ୍ ମସଲା ଉତ୍ପାଦନ କରୁଛି ବୋଲି ସେ କହିର୍ଛନ୍ତି।'ଶିଳ୍ପ ବିଭାଗର ନିର୍ଦ୍ଦେଶକ, ଏସ୍ କେ ହୋତା କହିର୍ଛନ୍ତି ଯେ, 'ଓଡ଼ିଶା ହେଉଛି କାଜୁର ତୃତୀୟ ସର୍ବାଧିକ, ପନିପରିବା ଓ ଚିଙ୍ଗୁଡ଼ିର ଚତୁର୍ଥ ସର୍ବାଧିକ ଓ ନଡ଼ିଆର ଷଷ୍ଠ ସର୍ବାଧିକ ଉତ୍ପାଦନକାରୀ ରାଜ୍ୟ। ଏଠାରେ ଧାନ, ତୈଳବୀଜ, କନ୍ଦମୂଳ, ମକା, ଲଙ୍କା, ଅଦା ଏବଂ କପା ଓ ଝୋଟ ଭଳି ଫାଇବର୍ ମଧ୍ୟ ବିପୁଳ ପରିମାଣରେ ଉତ୍ପାଦନ ହେଉଛି।

## ଭୁବନେଶ୍ୱର ମହାନଗର ନିଗମ ୪ ନମ୍ବର ୱାର୍ଡର ଜଳ ନିଷ୍କାସନ ସହ ପରିମଳ ବ୍ୟବସ୍ଥା ସମ୍ପାଦନ ପାଇଁ ଅଞ୍ଚଳବାସୀଙ୍କ ଦାବି

ଭୁବନେଶ୍ୱର: ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪ନମ୍ବର ୱାର୍ଡର ନଖରା, ନୂଆପାଟଣା, ବଙ୍ଗୁଆରୀ, ସାହାବାଦ, ହରିଦାସପୁର, ସୁନ୍ଦରାପାଟଣା, ନହରକଣ୍ଟା, ହଂସପାଳ, ରୁଦ୍ରପୁର, ଜୟପୁର, ପାହାଳ, ଜୋହଲ, ଓ କୁଣ୍ଡିତରାପାଟଣା ଗ୍ରାମଗୁଡ଼ିକ କୁଆଖାଇ ନଦୀ, ପୁରୀ ମୁଖ୍ୟ କେନାଲ, ଜାତୀୟ ରାଜପଥ-୧୬, ପୁରୁଣା ଜଗନ୍ନାଥ ସଡ଼କ, ନିଆଳୀ-ମାଧବ ରାସ୍ତା ଓ ପ୍ରାଚୀ ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲାବେଳେ ଏହି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାନଯିବା କାରଣରୁ ମାର୍ଚ୍ଚ ମାସରେ ମଧ୍ୟ ରୁଦ୍ରପୁର, ହରିଦାସପୁର, ବଙ୍ଗୁଆରୀ, ପାହାଳ ଓ ନୂଆପାଟଣା ଗହୀର ଅଦ୍ୟାବଧି ଦୂଷିତ ଜଳବନ୍ଦୀ ହୋଇଅଛି । ଏହି ଦୂଷିତ ଜଳ ସଂକ୍ରମଣରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଏହି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବିଧାୟକଙ୍କ ଗହଣରେ ପୌର କମିଶନର ବିଗତ ଦିନରେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ପରଖି ଥିଲେ ମଧ୍ୟ ଡ୍ରେନେଜ୍ ବିଭାଗର ଅସହଯୋଗ କାରଣରୁ ଏହି ଅଞ୍ଚଳରୁ ଜଳ ନିଷ୍କାସନ ହୋଇପାରିନାହିଁ । ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ କୌଣସି ବିଧିବଦ୍ଧ ଡ୍ରେନେଜ୍ ବ୍ୟବସ୍ଥାହ ସମ୍ପାଦନ ନ କରି ବର୍ଷା ଜନିତ ଆପାତକାଳୀନ ସ୍ଥିତିରେ ପାଣି ପମ୍ପ ପକାଇ ଜଳ ନିଷ୍କାସନ ବ୍ୟବସ୍ଥାର ପ୍ରହସନ ସୃଷ୍ଟି କରାଯାଉଛି, ଯେଉଁଥିପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି । ସମ୍ପ୍ରତି ବିଶ୍ୱରେ କରୋନା ସଂକ୍ରମଣ ଦେଖାଦେଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ୪ ନମ୍ବର ୱାର୍ଡ ସବୁବେଳେ ଅଣଦେଖା ହୋଇଆସିଅଛି । ଏହି ଅଞ୍ଚଳରେ ପରିମଳ ବ୍ୟବସ୍ଥା ସୁଧାରିବା ଦୂର କଥା, ବ୍ଲିଚିଙ୍ଗ୍ ଟିକେ ମଧ୍ୟ ପଡ଼ିପାରୁନାହିଁ । ଅଞ୍ଚଳବାସୀ ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ ଦେଖାକରି ସେମାନଙ୍କ ସମସ୍ୟା ବିଷୟରେ ଜଣାଇବା ପରେ ଗତ ମାର୍ଚ୍ଚ ୧୭ ତାରିଖରେ ବିଧାୟକ, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ମନ୍ତ୍ରୀ, ସଚିବଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅଞ୍ଚଳରୁ ଜଳ ନିଷ୍କାସନ ସହ ପରିମଳ ବ୍ୟବସ୍ଥାର ସୁଧାର ଆଣି ଲୋକଙ୍କ ମଧ୍ୟରେ ଆସ୍ଥା ସୃଷ୍ଟି ପାଇଁ ଅବଗତ କରିଛନ୍ତି । ଏହିପରିପ୍ରେକ୍ଷୀରେ ଅଞ୍ଚଳରୁ ଦୂଷିତ ଜଳ ନିଷ୍କାସନ ସହ ଡ୍ରେନେଜ୍ ବ୍ୟବସ୍ଥା କରି ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପାଦନ ନିମନ୍ତେ ଅଞ୍ଚଳବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ନୂଆ ଆଇକୋନିକ୍ ମୋଟୋରୋଲା ରେଜର୍ ଏବେ ଭାରତରେ ଉପଲବ୍ଧ

ଭୁବନେଶ୍ୱର: ମୋଟୋରୋଲା ପକ୍ଷରୁ ଆଜି ଭାରତରେ ଏହାର ନୂତନ ଆଇକୋନିକ୍ ସ୍ମାର୍ଟଫୋନ୍ ମୋଟୋରୋଲା ରେଜର୍‌ର ଉନ୍ମୋଚନ କରାଯାଇଛି, ଯାହାକି ହେଉଛି ବିଶ୍ୱର ପ୍ରଥମ କ୍ଲାମ୍‌ସେଲ୍-ଷ୍ଟାଇଲ୍ ଫୋଲ୍ଡେବୁଲ ଡିସ୍‌ପ୍ଲେ ସ୍ମାର୍ଟଫୋନ୍। ଏହି ଆଇକୋନିକ୍ ଫ୍ଲିପ୍ ଫୋନ୍‌କୁ ବର୍ତ୍ତମାନ ପୁଣିଥରେ ଆବିଷ୍କାର କରାଯାଇଛି। ନୂତନ ଟେକ୍ନୋଲୋଜି ଓ କିଛି ନୂଆ କୌଶଳ ସହ ଏକ ଅବିଶ୍ୱସନୀୟ ଫୁଲ୍-ଲେନ୍ଥ ଟଚ୍‌ସ୍କ୍ରିନ୍‌କୁ ଉନ୍ମୋଚନ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ସୁନ୍ଦର କମ୍ପାକ୍ଟ ଡିଜାଇନ୍ ସହ ରେଜର୍ ଆରାମରେ ଆପଣଙ୍କ ହାତ ପାପୁଲି କିମ୍ବା ପକେଟ୍‌ରେ ଫିଟ୍ ହେବ। ଅସାଧାରଣ ଉପକରଣରେ ନିର୍ମିତ ଓ ଅତ୍ୟାଧୁନିକ ଫିଚର ଥିବା ନୂଆ ରେଜର୍ ହେଉଛି ଏକ ସ୍ଲିକ୍ ଓ ଆଧୁନିକ ସ୍ମାର୍ଟଫୋନ୍। ରେଜର୍ ଅତ୍ୟାଧୁନିକ ଓ ଏଲ୍‌ଇଡି ସ୍କ୍ରିନ୍ ଟେକ୍ନୋଲୋଜି ଓ ଫ୍ଲେକ୍ସିବୁଲ ଉପକରଣର ବ୍ୟବହାର କରିଛି ଯାହାକି ଅସମ୍ଭବ ରୂପେ ଏହାକୁ ସମ୍ପୂର୍ଣ୍ଣ ଅଧାରେ ଫୋଲ୍ଡ କରିଥାଏ। ଏହି ସ୍ମାର୍ଟଫୋନ୍‌ରେ ଏକ ଆକର୍ଷଣୀୟ ୬.୨ ଇଂଚ୍ ଫ୍ଲେକ୍ସ ଭ୍ୟୁ ଡିସ୍‌ପ୍ଲେ ଓ ଚଳଚିତ୍ର ଜଗତରେ ବ୍ୟବହୃତ ଅଲ୍‌ଟ୍ରା-ୱାଇଡ୍ ଡାଇମେନ୍‌ସନ ୨୧.୯ ସିନେମାଭିଜନ ଆସ୍‌ପେକ୍ଟ ରେସିଓ ସହିତ ଏଚ୍‌ଡିରେ ଚଳଚିତ୍ର ଓ ଭିଡିଓଗୁଡ଼ିକୁ ଅଧିକ ଜୀବ' କରିବା ପାଇଁ ଫ୍ଲିପ୍ ଓପନ୍ କରନ୍ତୁ। ନୂଆ ରେଜର୍‌ର ବାହାର ପାର୍ଶ୍ୱରେ ଏକ ଅତ୍ୟଧିକ କାର୍ଯ୍ୟକ୍ଷମ ଓ ସ୍ୱତନ୍ତ୍ର ୨.୭ ଇଂଚ୍ ଓଏଲ୍‌ଇଡି କ୍ୱିକ୍ ଭ୍ୟୁ ଡିସ୍‌ପ୍ଲେ ରହିଛି। ଏହାର ବାହ୍ୟ ଡିସ୍‌ପ୍ଲେ ମାଧ୍ୟମରେ ନୋଟିଫିକେସନ୍‌ର ଜବାବ ଦେବା, ସେଲ୍‌ଫି ନେବା, ସଙ୍ଗୀତ ଶୁଣିବା, ଗୁଗଲ୍ ଆସିଷ୍ଟାଂଟ୍‌ର ବ୍ୟବହାର କରିବା ଭଳି ଅନେକ କାର୍ଯ୍ୟ କରିହେବ। ଟଚ୍ ସମର୍ଥିତ କ୍ୱିକ୍ ଭ୍ୟୁ ଡିସ୍‌ପ୍ଲେ ଆପଣଙ୍କୁ ସବୁ ସମୟରେ କନେକ୍ଟେଡ୍ ରଖିଥାଏ। ରେଜର୍‌ର ୧୬ ଏମ୍‌ପି ଡୁଆଲ ୟୁଜ୍ କ୍ୟାମେରା (ଏଫ୍/ ୧.୭ ଆପେରଚର) ସହିତ ଉତ୍କୃଷ୍ଟମାନର ଫଟୋ ଓ ସେଲ୍‌ଫି ଉତୋଳନ କରନ୍ତୁ। ଷ୍ଟକ୍ ଆଣ୍ଡ୍ରଏଡ୍ ୯ ପାଏ ସଫ୍ଟୱେୟାର ଓ ମୋଟୋ ଏକ୍ସପେରିଏନ୍ସ ଦ୍ୱାରା ପରିଚାଳିତ ଏହି ନୂତନ ସ୍ମାର୍ଟଫୋନ୍ ମୋଟୋ ରେଜର୍ ଏକ ବ୍ଲୋଟ୍‌ୱେର-ଫ୍ରି, ଆଡ୍ ଫ୍ରି ସ୍ମାର୍ଟଫୋନ୍ ଅନୁଭବ ପ୍ରଦାନ କରିଥାଏ। ଉପଭୋକ୍ତାଙ୍କୁ ସର୍ବୋତମ କ୍ରୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ମୋଟୋରୋଲା ପକ୍ଷରୁ ଗ୍ରାହକଙ୍କ ପାଇଁ କିଛି ସର୍ବୋତ୍କୃଷ୍ଟ ଅଫର୍ ସାମିଲ କରାଯାଇଛି। ସିଟି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ୧୦,୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍, ୨୪ ମାସ ପର୍ଯ୍ୟ' ନୋ ଏକ୍ସଟ୍ରା କଷ୍ଟ ଇଏମ୍‌ଆଇ ସୁବିଧା ପ୍ରଦାନ କରାଯାଉଛି। ମାତ୍ର ଟ. ୭୯୯୯ ଟଙ୍କାରେ ଗୋଟିଏ ଥରର ସ୍କ୍ରିନ ରିପ୍ଲେସମେଣ୍ଟ। ଏକ ବର୍ଷର ଏକ ଅତିରିକ୍ତ ଅସୀମିତ ସେବା ବିଲ୍‌କୁଲ ମାଗଣାରେ ପାଇପାରିବେ। ଏକାଧିକ ବ୍ୟାଙ୍କ ଓ ଇସ୍ୟୁୟର ସହ ୧୨ ମାସ ପର୍ଯ୍ୟ' ନୋ କଷ୍ଟ ଇଏମ୍‌ଆଇ ସୁବିଧା। ବଜାଜ୍ ଫିନ୍‌ସର୍ଭ ସହ ୨୪, ୧୫ ଓ ୧୨ ମାସର ନୋ କଷ୍ଟ ଇଏମ୍‌ଆଇ ଯୋଜନା ଏହି ଆଇକୋନିକ୍ ମୋଟୋରୋଲା ରେଜର୍ ପ୍ରି-ବୁକିଙ୍ଗ୍ ପାଇଁ ଆସ'। ମାର୍ଚ୍ଚ ୧୬ ତାରିଖରୁ ବ୍ଲାକ୍ ନୋୟର୍ କଲର୍ ଭାରିଆଂଟ୍‌ରେ ଉପଲବ୍ଧ ହେବ ଏବଂ ଭାରତର ପ୍ରମୁଖ ଅଫ୍‌ଲାଇନ୍ ଷ୍ଟୋର୍ ଓ ଅନ୍‌ଲାଇନ୍‌ରେ ଫ୍ଲିପ୍‌କାର୍ଟରେ ୧୨୪୯୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟରେ ୨ ଏପ୍ରିଲ ଠାରୁ ସେଲ୍‌ରେ ଉପଲବ୍ଧ ହେବ।

## ବଜାଜ ଆଲିଆଂଜ୍ ଲାଇଫ୍‌ର ବ୍ୟାପକ ହ୍ୱାଟସ୍‌ଆପ୍ ସେବା

ଭୁବନେଶ୍ୱର: ଦେଶର ଅଗ୍ରଣୀ ଘରୋଇ ଜୀବନ ବୀମା କଂପାନି ବଜାଜ ଆଲିଆଂଜ୍ ଲାଇଫ୍ ପକ୍ଷରୁ ହ୍ୱାଟସ୍‌ଆପ୍‌ରେ ବ୍ୟାପକ ପ୍ରକାରର ସେବା ଓ ସୁବିଧା ପ୍ରଦାନ କରାଯାଉଛି। ଗ୍ରାହକମାନେ '୮୮୦୬୭୨ ୭୨୭୨' ନମ୍ବରରେ ଇଂରାଜିରେ 'ହାଏ (ଐଓ)' ମେସେଜ୍ ପଠାଇ ଅନେକ ପ୍ରକାରର ସେବା ପାଇପାରିବେ। ଏହା ଜରିଆରେ ଗ୍ରାହକମାନେ ପଲିସିକୁ ନେଇ ୨୦ ପ୍ରକାର ସେବା ପାଇପାରିବେ। କଂପାନିର କୃତ୍ରିମ ବୁଦ୍ଧିମତା (ଏଆଇ) ପ୍ରଯୁକ୍ତି ଭିତିକ ଚାଟ୍‌ବଟ୍ ବୋଇଙ୍ଗ ଓ ଲାଇଭ୍ ଚାଟ୍ ଆସିଷ୍ଟାଂଟ୍ ଜରିଆରେ ଗ୍ରାହକମାନେ ହ୍ୱାଟସ୍‌ଆପ୍‌ରେ ୨୪ ଘଂଟା ପ୍ରାୟ ସମସ୍ତ ପ୍ରକାର ସମାଧାନ ହାସଲ କରିପାରିବେ।ଏହି ନୂତନ ସେବା ସଂକ୍ରା'ରେ ବଜାଜ ଆଲିଆଂଜ୍ ଲାଇଫ୍‌ର ଅପରେସନ୍ ଆଣ୍ଡ୍ କଷ୍ଟମର ଏକ୍ସପେରିଏନ୍‌ସ ମୁଖ୍ୟ ଶ୍ରୀଯୁକ୍ତ କାଏଜାଦ୍ ହିରାମାନେକ୍ କହିଛନ୍ତି ଯେ, 'ହ୍ୱାଟସ୍‌ଆପ୍‌ର ଲୋକପ୍ରିୟତା ଏବଂ ସହଜ ବ୍ୟବହାର ଯୋଗୁଁ ଆମେ ତାହାକୁ ଗ୍ରାହକଙ୍କ ଲାଭ ପାଇଁ ଏକ ପ୍ଲାଟଫର୍ମ ଭାବେ ବ୍ୟବହାର କରିବାକୁ ଚାହୁଛୁ। ମାତ୍ର ଆମେ ଏହା ନିଶ୍ଚିତ କରିବାକୁ ଚାହୁଛୁ ଯେ ସେମାନେ ଯେତେବେଳେ ଆମ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି ସେହି ସମୟରେ ପ୍ରକୃତ ଲାଭ ପାଆନ୍ତୁ। ବ୍ୟାପକ ବର୍ଗର ସେବା ଉପଲବ୍ଧତା ସହ ଗ୍ରାହକମାନେ ସେମାନଙ୍କର ସମସ୍ୟାକୁ ଯେ କୌଣସି ସ୍ଥାନରେ ରହି ସମାଧାନ କରିପାରିବେ ଓ ସେମାନଙ୍କୁ ଶାଖା ପରିଦର୍ଶନ କରିବାକୁ କିମ୍ବା ଆମକୁ କଲ୍ କରିବାକୁ ପଡ଼ିବନି, କାରଣ ଆମେ ଏହି ସେବାଗୁଡ଼ିକୁ ଆମର ଚାଟ୍‌ବଟ୍ କିମ୍ବା ଗ୍ରାହକ ସେବା ପ୍ରତିନିଧିଙ୍କ ଜରିଆରେ ପ୍ରଦାନ କରୁଛୁ।''

## ଡୋମିନୋସ୍ ପିଜା ଭାରତରେ 'ସ୍ପର୍ଶରହିତ ଯୋଗାଣ' ପ୍ରଚଳନ କଲା

ଭୁବନେଶ୍ୱର: ଭାରତରେ ପିଜା ଶୃଙ୍ଖଳ ଶ୍ରେଣୀରେ ବଜାରରେ ଅଗ୍ରଣୀ ସ୍ଥାନରେ ଥିବା ଡୋମିନୋସ୍ ପିଜା ଦେଶରେ ତାହାର ସମସ୍ତ ୧୩୨୫ଟି ରେଷ୍ଟୁରାଣ୍ଟରେ 'ସ୍ପର୍ଶରହିତ ଯୋଗାଣ' ବ୍ୟବସ୍ଥା ପ୍ରଚଳନ କରିଛି। ଏହି ସେବା ଗ୍ରାହକମାନଙ୍କୁ ଯୋଗାଣ କର୍ମଚାରୀଙ୍କ ସଂସ୍ପର୍ଶରେ ନଆସି ସେମାନଙ୍କ ଅର୍ଡର ସଂଗ୍ରହ କରିବାକୁ ସୁଯୋଗ ଦେବ। ଉଭୟ ଗ୍ରାହକ ଏବଂ ଯୋଗାଣ କର୍ମଚାରୀଙ୍କ ନିରାପତ୍ତା ନିଶ୍ଚିତ କରିବା ସକାଶେ ଅତିରିକ୍ତ ସତର୍କତାମୂଳକ ପଦକ୍ଷେପସ୍ୱରୂପ ଏହି ବୈଶିଷ୍ଟ୍ୟ ପ୍ରଚଳନ କରାଯାଇଛି। ସ୍ପର୍ଶରହିତ ଯୋଗାଣ ସେବାର ସୁବିଧା ନେବାପାଇଁ ଗ୍ରାହକମାନେ ଡୋମିନୋସ୍ ଆପ୍‌ର ସଦ୍ୟତମ ସଂସ୍କରଣକୁ ବ୍ୟବହାର କରିବାକୁ ହେବ ଏବଂ ସେମାନଙ୍କ ଅର୍ଡରଦେବା ସମୟରେ 'ସ୍ପର୍ଶରହିତ ଯୋଗାଣ' (ଜିରୋ କଣ୍ଟାକ୍ଟ ଡେଲିଭରୀ)କୁ ସିଲେକ୍ଟ କରିବାକୁ ପଡିବ। ନିରାପଦ ଯୋଗାଣ ବିଶେଷଜ୍ଞ ଏହି ଅର୍ଡର ସହିତ ପହଞ୍ଚିବାପରେ ତାହାକୁ ଗ୍ରାହକଙ୍କ ଦରଜା ସମ୍ମୁଖରେ ଏକ କ୍ୟାରିବ୍ୟାଗ୍‌ରେ ରଖିବାପରେ ସେଠାରୁ ନିରାପଦ ସ୍ଥାନକୁ ଘୁଞ୍ଚିଯିବେ। ଉକ୍ତ ଅର୍ଡର ସଂଗୃହୀତ ହେଲାବୋଲି ନିଶ୍ଚିତ ହେବା ପର୍ଯ୍ୟ' ନିରାପଦ ଯୋଗାଣକାରୀ ବିଶେଷଜ୍ଞ ଉକ୍ତ ସ୍ଥାନରେ ଅପେକ୍ଷା କରିବେ। ଆପ୍ ଜରିଆରେ ଦିଆଯାଉଥିବା ସମସ୍ତ ପ୍ରିପେଡ ଅର୍ଡର ନିମ' ଏହି ନୂତନ ସେବା ପ୍ରଯୁଜ୍ୟ ହେବ। ଏହି ନୂତନ ସେବା ସହିତ ଡୋମିନୋସ୍ ତାହାର ସମସ୍ତ କର୍ମଚାରୀ ଯେଭଳି ଏହାର ପ୍ରତ୍ୟେକ ରେଷ୍ଟୁରାଣ୍ଟରେ ସ୍ୱାସ୍ଥ୍ୟରକ୍ଷା ଓ ନିରାପତ୍ତା ନିୟମାବଳୀ ପାଳନ କରିବେ, ତାହା ମଧ୍ୟ ନିଶ୍ଚିତ କରିବ। ଏହି ପ୍ରୟାସ ସମ୍ପର୍କରେ ମତରଖି ଜୁବିଲାଣ୍ଟ ଫୁଡୱାର୍କସ ଲିମିଟେଡର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ପ୍ରତୀକ ପୋଟା କହିଛନ୍ତି, 'ଏହି ଜଟିଳ ସମୟରେ ଆମେ ଆମ ଷ୍ଟୋର ଏବଂ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଅଧିକ କଠୋର ସ୍ୱାସ୍ଥ୍ୟରକ୍ଷା ଏବଂ ପରିମଳ ନିୟମାବଳୀକୁ ପାଳନ କରୁଛୁ। ସମସ୍ତ ଯୋଗାଣକାରୀ କର୍ମଚାରୀ ହେଉର୍ଛନ୍ତି କମ୍ପାନୀର କର୍ମଚାରୀ ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିଯୁକ୍ତି ଦିଆଯାଇଛି। ଏଥିସହିତ ଆମେ ଆଜି ସ୍ପର୍ଶରହିତ ଯୋଗାଣ ବ୍ୟବସ୍ଥା ଆରମ୍ଭ କରିଛୁ। ଗ୍ରାହକମାନେ ଡୋମିନୋସ୍ ଆପ୍‌ରେ ଅନ୍‌ଲାଇନରେ ସେମାନଙ୍କର ଅର୍ଡର ଦେଇପାରିବେ ଏବଂ ସେହିସମୟରେ ସେମାନେ 'ଜିରୋ କଣ୍ଟାକ୍ଟ ଡେଲିଭରୀ' ବାଛିବା ସହିତ ଡିଜିଟାଲ ଉପାୟରେ ଦେୟ ପୈଠ କରିପାରିବେ। ତାହାପରେ ଆମେ ଗ୍ରାହକମାନଙ୍କୁ ଶାରୀରିକ ଭାବେ ସ୍ପର୍ଶ ନକରି ଡୋମିନୋସ୍ ପିଜା ଯୋଗାଇ ଦେବୁ। ଗ୍ରାହକ ଏବଂ କର୍ମଚାରୀଙ୍କ ନିରାପତ୍ତା ଆମପାଇଁ ଏକନମ୍ବର ପ୍ରାଥମିକତା ଏବଂ ସେଦିଗରେ ଆମେ ସମସ୍ତ ପଦକ୍ଷେପ ଗ୍ରହଣ କରୁଛୁ।'

## ଓରିଫ୍ଲେମ୍ କସ୍‌ମେଟିକ୍ସର ସ୍ୱିଡିସ୍ ଆର୍ଟିଷ୍ଟ ଏସ୍‌ଭିଇଏ ଓ ୟୁନିଭର୍ସାଲ ମ୍ୟୁଜିକ୍ ସ୍ୱିଡେନ୍ ସହ ସହଭାଗିତା

ଭୁବନେଶ୍ୱର: ଓରିଫ୍ଲେମ୍ କସ୍‌ମେଟିକ୍ସ ପ୍ରଥମ ଥର ପାଇଁ ୟୁନିଭର୍ସାଲ ମ୍ୟୁଜିକ୍ ସ୍ୱିଡେନ୍ ସହ ସହଭାଗିତା କରି ସ୍ୱିଡିସ୍ ପପ୍‌ଷ୍ଟାର୍ ଏସ୍‌ଭିଇଏଙ୍କୁ ନେଇ ଏକ ନୂତନ ପପ୍ ସଙ୍ଗ 'ସେୟାର ୟୋର୍ ପ୍ୟାସନ୍' ଉନ୍ମୋଚନ କରିଛି। ସ୍ୱିଡେନ୍‌ର ୨୦ ବର୍ଷୀୟା ପପ୍‌ଷ୍ଟାର୍ ଏସ୍‌ଭିଇଏ ଏହି ଗୀତ ରଚନା କରିବା ସହ ଏହାକୁ ଗାଇର୍ଛନ୍ତି ଓ ଏହି ମ୍ୟୁଜିକ୍ ଭିଡିଓରେ ଅଭିନୟ ମଧ୍ୟ କରିର୍ଛନ୍ତି। ଏହା ହେଉଛି ସ୍ୱିଡିସ୍ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ୍ ଓ ମ୍ୟୁଜିକ୍ ପାୱାର ହାଉସ୍ ୟୁନିଭର୍ସାଲ ମ୍ୟୁଜିକ୍ ପାଇଁ ଏକ ନୂତନ ମିଳିତ ଅଭିଯାନ। ଏହି ଅଭିଯାନ ମାଧ୍ୟମରେ ଉଦ୍ଭାବନ ଓ ନୂଆ ପ୍ରତିଭାମାନଙ୍କୁ ସମର୍ଥନ ପ୍ରଦାନ କରିବା ପାଇଁ ଦୁଇ ସଂସ୍ଥା ଏକତ୍ରୀତ ହୋଇର୍ଛନ୍ତି। ଏସ୍‌ଭିଇଏ ଓରିଫ୍ଲେମ୍ ପାଇଁ ଏହି 'ସେୟାର ୟୋର୍ ପ୍ୟାସନ୍' ଶକ୍ତିଶାଳୀ ଗୀତ ରଚନା କରିଥିଲେ, ଯାହାକି ଏବେ ସ୍ପଟିଫାଏ, ଆପଲ୍ ମ୍ୟୁଜିକ୍, ଆମାଜନ୍ ମ୍ୟୁଜିକ୍ ଓ ଗୁଗଲ୍ ପ୍ଲେ ମ୍ୟୁଜିକ୍‌ରେ ଉପଲବ୍ଧ ହେଉଛି। ଏହି ଟ୍ରାକ୍‌କୁ ୬୦ରୁ ଅଧିକ ଦେଶରେ ଥିବା ଓରିଫ୍ଲେମ୍ କସ୍‌ମେଟିକ୍ସ ଗ୍ଲୋବାଲ କମ୍ୟୁନିଟିର ୩୦ ଲକ୍ଷ ସୌନ୍ଦର୍ଯ୍ୟ ପ୍ରତି ଉତ୍ସାହିତ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ମିଳିବବୋଲି ଆଶା କରାଯାଉଛି। ଏସମ୍ପର୍କରେ ଓରିଫ୍ଲେମ୍‌ର ଗ୍ଲୋବାଲ ବ୍ରାଣ୍ଡ ଡାଇରେକ୍ଟର, ଚାର୍‌ଲୋଟ୍ ସିଲ୍‌ଜେବ୍ରାଣ୍ଡ ନିସେସ୍ କହିର୍ଛନ୍ତି, 'ଆମେ ଏସ୍‌ଭିଇଏ ଓ ୟୁନିଭର୍ସାଲ ମ୍ୟୁଜିକ୍ ସ୍ୱିଡେନ୍ ସହ ସହଭାଗିତା କରି ଗର୍ବିତ ଅନୁଭବ କରୁଛୁ। ଓରିଫ୍ଲେମ୍ ସବୁବେଳେ ଯୁବ ଉଦ୍ୟୋଗୀ ଓ ପ୍ରତିଭାମାନଙ୍କୁ ସମର୍ଥନ କରିଆସିଛି ଯିଏ ନିଜ ସ୍ୱପ୍ନକୁ ପୂରା କରିବା ପାଇଁ କଠିନ ପରିଶ୍ରମ କରିଥା'ନ୍ତି, ତେଣୁ ଏଭଳି ଏକ ଅଭିନବ ସହଯୋଗ ଏକ ଆଦର୍ଶ ମେଳ ଅଟେ। ଓରିଫ୍ଲେମ୍ ଓ ଏସ୍‌ଭିଇଏଙ୍କ ମଧ୍ୟରେ ଅନେକ କିଛି ମୂଲ୍ୟବୋଧ ସମାନ ରହିଛି ଏବଂ ଆମେ ତାଙ୍କର କଳାତ୍ମକ ଯାତ୍ରାର ଅଂଶ ହେବା ପାଇଁ ଖୁବ୍ ଉତ୍ସାହିତ ଅଛୁ। ଏହି ଆ'ର୍ଜାତୀୟ ସହଭାଗିତାର ଅଂଶଭାବେ ଏସ୍‌ଭିଇଏ ଏକାଧିକ ସ୍ୱତନ୍ତ୍ର ଲାଇଭ୍ ପର୍‌ଫର୍ମାନ୍ସ କରିବେ। ସେହିପରି ଏସ୍‌ଭିଇଏ କହିଛନ୍ତି, ମୁଁ ଚାହୁଁଥିଲି, ସେୟାର ୟୋର୍ ପ୍ୟାସନ୍ ଏଭଳି ଏକ ଗୀତ ହେଉ ଯାହା ଆପଣଙ୍କୁ ଶକ୍ତି ଓ ଖୁସି ପ୍ରଦାନ କରିବ; ଯାହାକୁ ଶୁଣି ଆପଣ ନିଜ ପ୍ୟାସନ୍‌କୁ ସେୟାର କରିବା ଲାଗି ପ୍ରେରିତ ଅନୁଭବ କରିବେ।

## କାଗଜବିହୀନ ଓ ତୁରନ୍ତ ଜୀବନ ବୀମା ପଲିସି ପ୍ରଦାନ କରିବା ପାଇଁ ଫ୍ଲିପ୍‌କାର୍ଟ ଏଗନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ପଲିସି ସହିତ ସହଭାଗୀତା ସ୍ଥାପନ କରିଛି

ବେଙ୍ଗାଲୁରୁ : ଫ୍ଲିପ୍‌କାର୍ଟ, ଭାରତର ପ୍ରଥମ ଇ-କମର୍ସ ମାର୍କେଟ୍ ଓ ଏଗନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ଯାହାକି ଭାରତର ଅଗ୍ରଣୀ ଇନ୍‌ସ୍ୟୁରାନ୍ସ କମ୍ପାନୀ, ଗ୍ରାହକଙ୍କୁ ବ୍ୟାପକ ଜୀବନ ବୀମା ସମାଧାନ ପ୍ରଦାନ କରିବା ପାଇଁ ହାତ ମିଳାଇର୍ଛନ୍ତି। ଏକ ତୁର' ଡିଜିଟାଲ୍ ପଲିସି ଯାହାର ଆଶ୍ୱସ୍ତ ଅର୍ଥ ୧୦ ଲକ୍ଷ ପର୍ଯ୍ୟ' ରହିଛି, ଏହା ଗ୍ରାହକଙ୍କ ପାଇଁ ମାର୍ଚ୍ଚ ୨୦୨୦ ଠାରୁ ଉପଲବ୍ଧ ହେବ। ତୁର' ଜୀବନ ବୀମା କଭର ସହିତ ଏକ ଡିଜିଟାଲ ପଲିସି ମାଧ୍ୟମରେ ଏହା ପ୍ରଦାନ କରାଯାଉଛି। ଏଥିପାଇଁ କୌଣସି ମେଡିକାଲ୍ ପରୀକ୍ଷା ବା କାଗଜ କାମର ଆବଶ୍ୟକତା ନାହିଁ ଓ ଏହା ସମ୍ପୂର୍ଣ୍ଣ ଭାବରେ ଝଟମୁକ୍ତ ଅଟେ। ଦେଶରେ ଉପଲବ୍ଧ ଥିବା ସମସ୍ତ ବୀମା ମଧ୍ୟରେ ଜୀବନ ବୀମାର ଦ୍ୱିତୀୟ ସର୍ବବୃହତ୍ ସ୍ଥାନ ରହିଛି। ଆଜି ବୀମା ଉଦ୍ୟୋଗ ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ସମସ୍ୟାଟି ହେଉଛି ଏହା ବ୍ୟୟବହୁଳ ଓ କିଣିବା କଷ୍ଟକର ଅଟେ। ଏହା ସହିତ ଦୀର୍ଘ ଅବଧି ପରି ସମସ୍ୟା ମଧ୍ୟ ଏଥିରେ ଅ'ର୍ଭୁକ୍ତ। ଏହି ଉତ୍ପାଦ ସହିତ, ଫ୍ଲିପ୍‌କାର୍ଟ ଓ ଏଗନ୍ ଲାଇଫ୍ ଏହି ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି ଓ ଏହା ସହାୟତାରେ ଗ୍ରାହକମାନେ ସହଜ ଓ ସ୍ୱଚ୍ଛ ଉପାୟରେ ଜୀବନ ବୀମା ଉପଲବ୍ଧ କରିପାରିବେ। ଫ୍ଲିପ୍‌କାର୍ଟରେ ଜୀବନ ବୀମାରେ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରାଯାଉଛି ଯେଉଁଥିରେ ଆଶ୍ୱସ୍ତ ଅର୍ଥ ପରିମାଣ ଟ.୧ ଲକ୍ଷରୁ ଟ.୧୦ ଲକ୍ଷ ପର୍ଯ୍ୟ' ରହିଛି ଓ ଏହାର ପ୍ରିମିୟ ଟ୯ ଲକ୍ଷ ଆଶ୍ୱସ୍ତ ଅର୍ଥରେ ଟ.୧୨୯ ରୁ ଆରମ୍ଭ। ଏହି ପଲିସି ଗୁଡ଼ିକ ଫ୍ଲିପକାର୍ଟର ୧୮ ରୁ ୬୫ ବର୍ଷ ବୟସର ପୁରୁଣା ଓ ନୂଆ ଗ୍ରାହକଙ୍କ ପାଇଁ ଉପଲବ୍ଧ ଅଟେ। ଏହି ଅଫର ସହିତ, ଟାୟାର ୩+ ସହର ଗୁଡ଼ିକରେ ଫ୍ଲିପ୍‌କାର୍ଟ ଜୀବନ ବୀମାକୁ ସହଜରେ ଉପଲବ୍ଧ କରିବା ପାଇଁ ଲକ୍ଷ୍ୟ ରଖିଛି, ଯେଉଁମାନେ ଏହି ଆର୍ଥିକ ସେବାସମୂହର ସୁବିଧା ପାଇ ପାରୁ ନାହାଁ'। ଏହାର ବୈଷୟିକତା ଓ ସହଭାଗୀତାକୁ ଗୋଟିଏ ପ୍ଲାଟଫର୍ମକୁ ଆଣି, ଏହି ଉତ୍ପାଦକୁ ସହଜରେ, କମ ପ୍ରିମିୟମ ଓ ଫ୍ଲେକ୍ସିବଲ୍ ଅବଧିରେ ଉପଲବ୍ଧ ହେବ। ଏହି ଉତ୍ପାଦ ସାହାଯ୍ୟରେ ଗ୍ରାହକଙ୍କ ପ୍ରମୁଖ ସମସ୍ୟା ଗୁଡ଼ିକୁ ଦୂର କରିବା ପାଇଁ ଦୃଷ୍ଟି ଯାଉଛି ଯେଉଁଥିରେ ଅ'ର୍ଭୁକ୍ତ ରହିଛି ବିଶ୍ୱାସ, ସ୍ୱଚ୍ଛତା ଓ ବିଶ୍ୱସନୀୟତା। ରିଥ ବୋୟାନପାଲ୍ଲି, ମୁଖ୍ୟ -ଫିନଟେକ୍ ଓ ପେମେଂଟସ ଗ୍ରୁପ୍, ଫ୍ଲିପ୍‌କାର୍ଟ କହିର୍ଛନ୍ତି ଯେ, 'ଦେଶର କମ୍ପାନୀ ଭାବରେ, ଫ୍ଲିପକାର୍ଟର ଉଦ୍ଦେଶ୍ୟ ହେଉଛି ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ପାଦ ପ୍ରସ୍ତୁତ କରିବା। ଆମେ ଏପରି ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ଯାହା ଇଣ୍ଡିଆ ଓ ଭାରତ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବ ଓ ଆମର ଆତ୍ମବିଶ୍ୱାସ ରହିଛି ଯେ ସହଜରେ ଉପଲବ୍ଧ ବୀମା ପଲିସି ମାଧ୍ୟମରେ ଆମେ ଏଥିରେ ଉନ୍ନତି ଆଣିପାରିବୁ। ଏହି ଉତ୍ପାଦ ସହିତ, ଆମେ ନୂତନ ଓ ବିଶ୍ୱସନୀୟ ଆର୍ଥିକ ଉତ୍ପାଦକୁ ଗ୍ରାହକଙ୍କ ପାଇଁ ଉପଲବ୍ଧ କରିପାରିବୁ ଯେଉଁଥିରେ ସେମାନେ ଏକ ଝଟମୁକ୍ତ ଅନୁଭବ ପାଇପାରିବେ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ, ଆମେ ଏଗନ୍ ଲାଇଫ୍ ସହିତ ଏକ ଅର୍ଥପୂର୍ଣ୍ଣ ସହଭାଗୀତାର ଆଶା କରୁଛୁ। ଗ୍ରାହକଙ୍କୁ ସର୍ବଦା ପ୍ରାଥମିକତା ପ୍ରଦାନ କରିବା ସହିତ ଏହି ସହଭାଗୀତା ମାଧ୍ୟମରେ ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।' ଏହି ସହଭାଗୀତା ବିଷୟରେ ସୂଚନା ଦେଇ, ଶ୍ରୀ ସତୀଶ୍ୱର ବାଲକ୍ରିଷ୍ଣନ୍, ସିଏଫ୍‌ଓ ଓ ପ୍ରିନ୍‌ସିପାଲ୍ ଅଫିସର, ଏଗନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କହିର୍ଛନ୍ତି ଯେ, 'ଡିଜିଟାଲ୍ ପ୍ଲାଟ୍‌ଫର୍ମ ଜରିଆରେ ବିକ୍ରି କରୁଥିବା ବୀମା କମ୍ପାନୀ ମଧ୍ୟରେ ଆମେ ପ୍ରଥମ ଓ ଫ୍ଲିପକାର୍ଟର ୱାନ୍-ଷ୍ଟପ୍-ସପ୍ ସହିତ ଭାରତରେ ଏହାର ଏକ ବୃହତ୍ ଗ୍ରାହକ ଭିତିଭୂମି ରହିଛି। ଆମର ଏହି ସହଭାଗୀତା ଦ୍ୱାରା ଉତ୍ପାଦ ବିକ୍ରି କରିବା ପାଇଁ ଫ୍ଲିପ୍‌କାର୍ଟ ସହିତ ହାତ ମିଳାଇ ଥିବାରୁ ମୁଁ ଅତ୍ୟ' ଆନନ୍ଦିତ। ଏ ପର୍ଯ୍ୟ' ଏହା ହେଉଛି ସବୁଠାରୁ ବୃହତ୍ କୌଶଳଗତ ସହଭାଗୀତା ଓ ଏହା ମାଧ୍ୟମରେ ଆମେ ଗ୍ରାହକଙ୍କୁ ପ୍ରତ୍ୟକ୍ଷ ଭାବରେ (ଡି୨ସି) ବୀମା ବିକ୍ରୟ କରିବୁ। ଏହି ପ୍ଲାଟଫର୍ମ ଜରିଆରେ ଆମେ କଷ୍ଟୋମାଇଜ୍ ଉତ୍ପାଦକୁ ସ୍ୱତନ୍ତ୍ର ମୂଲ୍ୟରେ ତୁର' ଉପଲବ୍ଧ କରିବୁ।' ସେ ପୁନଶ୍ଚ କହିଥିଲେ ଯେ, 'ଆମେ ଏଗନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସରେ ଅନଲାଇନ୍ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ଚେଷ୍ଟା କରୁଛୁ। ଅଧିକରୁ ଅଧିକ ଭାରତୀୟ ଅନଲାଇନ୍ କ୍ରୟ ଦିଗରେ ଅଭ୍ୟସ୍ତ ହେବା ସହିତ, ବୀମା ସେବା ବିକ୍ରୟ କ୍ଷେତ୍ରରେ ବ୍ୟାପକ ସ୍କୋପ୍ ରହିଛି ଓ ଫ୍ଲିପକାର୍ଟ ପରି ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଏହା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ କରାଯାଇପାରିବ। ଏହି ସହଭାଗୀତା ମାଧ୍ୟମରେ ଆମେ ସାରା ଭାରତରେ ସେବାକୁ ସଂପ୍ରସାରିତ କରିପାରିବୁ।' ଏଗନ୍ ଲାଇଫ୍ ଓ ଫ୍ଲିପକାର୍ଟର ସହଭାଗୀତା ମାଧ୍ୟମରେ ଉଭୟ ପକ୍ଷଙ୍କ ପାଇଁ ୱିନ୍-ୱିନ୍ ସହଭାଗୀତା ସୃଷ୍ଟି ହେବା ସହିତ ଗ୍ରାହକଙ୍କ ମାନେ ଉତମ ସେବା ପାଇପାରିବେ।

## ସିଡ୍‌ବି ସ୍ୱାବଲମ୍ବନ ଏକ୍ସପ୍ରେସ୍ ଜୁନ୍' ୫ରୁ ଆରମ୍ଭ ହେବ

ଭୁବନେଶ୍ୱର: ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥା (ଏମ୍‌ଏସଏମଇ)ଗୁଡ଼ିକର ପ୍ରସାର, ଫାଇନାନ୍ସିଂ ଓ ବିକାଶରେ ନିୟୋଜିତ ହୋଇଥିବା ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡ୍‌ବି) ପକ୍ଷରୁ ୨୦୨୦ ଜୁନ୍ ୫ରେ ଲକ୍ଷ୍ନୌ ଠାରୁ ସ୍ୱାବଲମ୍ବନ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରାଯିବ। ୧୫ ଦିନ ଭିତରେ ୭୦୦୦ କିଲୋମିଟର ଏବଂ ୧୧ଟି ଉଦ୍ୟୋଗୀ ପ୍ରମୁଖ ସହର ପରିକ୍ରମା କରିବାକୁ ଥିବା ଏହି ଟ୍ରେନ୍ ଲକ୍ଷ୍ନୌ ଠାରୁ ଏହାର ଯାତ୍ରା ଆରମ୍ଭ କରି ପରେ ଜମ୍ମୁ, ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଭୁବନେଶ୍ୱର, କୋଲକତା ଦେଇ ଶେଷରେ ବାରାଣାସୀରେ ପହଂଚିବ। ଅଂଶଗ୍ରହଣକାରୀ ଉଦୀୟମାନ/ ଅଭିଳାଷୀ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକ ୨୦ କର୍ମଶାଳା ଓ ଆଲୋଚନାର ଲାଭ ପାଇବେ ଯାହା ସେମାନଙ୍କ ବ୍ୟାବସାୟିକ ଯାତ୍ରାରେ ଅଭିବୃଦ୍ଧିକୁ ସୁଦୃଢ଼ କରିବାରେ ସହାୟକ ହେବ।ଶ୍ରୀଯୁକ୍ତ ମହମ୍ମଦ ମୁସ୍ତାଫା, ଆଇଏଏସ୍, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସିଡ୍‌ବି କହିର୍ଛନ୍ତି ଯେ, 'ଆମର ପ୍ରମୁଖ ମିଶନ ସ୍ୱାବଲମ୍ବନର ଏକ ଅଂଶ ହେଉଛି ସ୍ୱାବଲମ୍ବନ ଏକ୍ସପ୍ରେସ୍ ଟ୍ରେନ୍ ଯାହାର ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ସଂସ୍କୃତି ସୃଷ୍ଟି କରିବା। ଅଭିଳାଷୀ ଭାରତରା ଏହା ହେଉଛି ଏକ ଅଭିଳାଷପୂର୍ଣ୍ଣ ଯାତ୍ରା। ଯୁବପିଢ଼ି ଏହି ଟ୍ରେନ୍‌ରେ ଏକ ବ୍ୟାବସାୟିକ କଳ୍ପନା ନେଇ ପ୍ରବେଶ କରିବେ ଓ ପରୀକ୍ଷଣାମୂଳକ ଶିକ୍ଷାର ସିରିଜ୍ ପରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଥିବା ବ୍ୟାବସାୟ ଯୋଜନା ସହିତ ଓହ୍ଲାଇବେ। ଟ୍ରେନ୍ ଅଟକୁଥିବା ପ୍ରତିଟି ସହରର ଥିମ୍ ସ୍ଥାନୀୟ ସମ୍ବନ୍ଧୀୟ ଏକ ବିଷୟ ରହିବ। ଜଣେ ସ୍ୱାବଲମ୍ବୀ ହେବା ପାଇଁ ଏହା ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ଏହି ଟ୍ରେନ୍ ଯାତ୍ରାର ଅନୁଭୂତି ଏକ ସ୍କୁଲ୍ ପରି ଯାହା ଚାରି କାନ୍ଥ ବାହାରେ ରହିଛି।'' ସ୍ୱାବଲମ୍ବନ ଏକ୍ସପ୍ରେସ୍‌ର ଲକ୍ଷ୍ୟ ହେଉଛି ବ୍ୟାବସାୟିକ ସଂସ୍ଥା ଚଲାଇବା ପାଇଁ ଆର୍ଥିକ ଓ ଅଣ ଆର୍ଥିକ ଦିଗଗୁଡ଼ିକ ଉପରେ ଅଂଶଗ୍ରହଣକାରୀଙ୍କ ଜ୍ଞାନ ବଢ଼ାଇବା। ବିଭିନ୍ନ ସହରରେ ଚଢ଼ିବାକୁ ଥିବା ବିଶେଷଜ୍ଞ/ମେଂଟର, ରୋଲ୍ ମଡେଲ୍‌ମାନଙ୍କ ସହ ଆଲୋଚନା, ମାନସ ମନ୍ଥନ ଓ ଦଳଗତ ଆଲୋଚନା ଜରିଆରେ ଏହା ସମ୍ପାଦିତ ହେବ। ଅଂଶଗ୍ରହଣକାରୀଙ୍କ ସଂଖ୍ୟା ପ୍ରାୟ ୫୦୦ ହେବ ବୋଲି ଆଶା କରାଯାଉଛି।ସିଡ୍‌ବି ବିଷୟରେ: ୧୯୯୦ରେ ଶୁଭାରମ୍ଭ ହେବା ପରଠାରୁ ସିଡ୍‌ବି ଏହାର ସମନ୍ୱିତ, ଅଭିନବ ଓ ଅ'ର୍ଭୁକ୍ତୀକରଣ ଉପାୟରେ ସମାଜର ବିଭିନ୍ନ ବର୍ଗର ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଛି। ପାରମ୍ପରିକ, ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗୀ ହୁଅନ୍ତୁ ଅଥବା ପିରାମିଡ୍‌ର ଶେଷ ପାହାଚରେ ଥିବା ଉଦ୍ୟୋଗୀ ଠାରୁ ଆରମ୍ଭ କରି ଉଚ୍ଚ ଧରଣର ଜ୍ଞାନ ରଖିଥିବା ଉଦ୍ୟୋଗୀଙ୍କ ପର୍ଯ୍ୟ' ଋଣ ଓ ବିକାଶ ସଂପୃକ୍ତି ଜରିଆରେ ସିଡ୍‌ବି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀ (ଏମ୍‌ଏସ୍‌ଇ)ଙ୍କ ଜୀବନକୁ ଛୁଇଁପାରିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray